visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.239 Bhubaneswar Thursday, November 11, 2021 | ୨୪ତମ ବର୍ଷ ସଂଖ୍ୟା–୨୩୯ ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୧୧, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ପଦ୍ମବିଭୂଷଣ ଓ ପଦ୍ମଶ୍ରୀ ସମ୍ମାନରେ ନିକଟରେ ସମ୍ମାନିତ ହୋଇଥିବା ରାଜ୍ୟର ପ୍ରତିଭାମାନ ବ୍ୟକ୍ତିଙ୍କୁ ଦିଲ୍ଲୀ ଶ୍ରୀ ନୀଳାଚଳ ସେବାସଙ୍ଘ ପକ୍ଷରୁ ସମ୍ବର୍ଦ୍ଧନା




ନୂଆଦିଲ୍ଲୀ /ଆ. ପ୍ର.(ଲକ୍ଷ୍ମୀନାରାୟଣ ବେବର୍ତ୍ତା ),୧୦।୧୧ : ନିଜ, ନିଜ କ୍ଷେତ୍ର ରେ ଉଲ୍ଲେଖନୀୟ ତଥା ଉତ୍କୃଷ୍ଟ କାର୍ଯ୍ୟ କରି ରାଜ୍ୟକୁ ଗୌରବାନିତ କରିଥିବା ଏବଂ ରାଜ୍ୟ ପାଇଁ ସୁନାମ ଆଣିଥିବା ଓ ନିକଟରେ ଦେଶର ମାନ୍ୟବର ରାଷ୍ଟ୍ରପତି ଙ୍କ ଦ୍ୱାରା ପଦ୍ମ ପୁରସ୍କାର ଗ୍ରହଣ କରିଥିବା ରାଜ୍ୟ ର ପ୍ରତିଭା ସମ୍ପନ୍ନ ମହାନ ବ୍ୟକ୍ତିବିଶେଷ ଙ୍କୁ ରାଜଧାନୀ ଦିଲ୍ଲୀ ର ହଉଜ୍‌ଖାସ ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ତଥା ଶ୍ରୀ ନୀଳାଚଳ ସେବାସଙ୍ଘ ତରଫରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି. । ସାମ୍ପ୍ରତିକ କୋଭିଡ କଟକଣା କୁ ସତର୍କ ଦୃଷ୍ଟି ରେ ରଖି କମ ସଂଖ୍ୟାକ ଦର୍ଶକ, ପଦ୍ମ ପୁରସ୍କାର ପାଇଥିବା ବ୍ୟକ୍ତି ଙ୍କ ପରିବାର ସଦସ୍ୟ, ଏବଂ ଶ୍ରୀ ନୀଳାଚଳ ସେବାସଙ୍ଘ ର କିଛି କର୍ମକର୍ତ୍ତା ଉପସ୍ଥିତ ରେ ସଂଧ୍ୟାକ୍ଷ ରେ ମନ୍ଦିର ପରିସରରେ ଆୟୋଜିତ ଏହି ଭବ୍ୟ ଉତ୍ସବ ରେ ମନ୍ଦିର ସମ୍ପାଦକ ରବୀନ୍ଦ୍ର ପ୍ରଧାନ ସଭାପତିତ୍ୱ କରି କହିଥିଲେ,ଓଡିଶାର କୋଣ ଅନୁକୋଣ ରେ ବହୁ ପ୍ରତିଭାମାନ ବ୍ୟକ୍ତି ରହିଛନ୍ତି. ଯେଉଁମାନେ ବିଭିନ୍ନ କ୍ଷେତ୍ର ରେ ସେମାନେ କାର୍ଯ୍ୟକରି ରାଜ୍ୟ କୁ ଆଜି ଗୌରବକ୍ଷନିତ କରିଛନ୍ତି ।ସେମାନଙ୍କର ନିରବିଚ୍ଛନ୍ନ କାର୍ଯ୍ୟ, ଜୀବନବ୍ୟପି ସାଧନା କୁ ସମ୍ମକ୍ଷନ ଜଣାଇ ଓ ସେମାନ ଙ୍କୁ ଚିହ୍ନଟ କରି ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ସମୟରେ ବିଭିନ୍ନ ପୁରସ୍କାର ଓ ଉପାଧି ପ୍ରଦାନ କରିଚାଲିଛନ୍ତି ଯାହା ରାଜ୍ୟ ପାଇଁ ଗର୍ବ ଓ ଗୌରବର ବିଷୟ.ସେମାନଙ୍କର କଳା, ସଂସ୍କୃତି, ନୃତ୍ୟ, ଗୀତ, ଭାଷା, ସାହିତ୍ୟ,ହେଉ ଅବା ସମାଜ ସେବା ହେଉ, କିମ୍ବା ରୋଗୀ ସେବା ଯେ କେବଳ ଓଡିଶା ଭିତରେ ସୀମିତ ରହିନାହିଁ ।ରାଜ୍ୟ ବାହାରେ ଏପରିକି ଆଜି ବିଦେଶ ରେ ମଧ ପ୍ରଥୀଷ୍ଠକ୍ଷ ଲାଭ କରିଛି.ସେମାନଙ୍କୁ ସବୁ ସ୍ତରରେ ଉତ୍ସାହିତ କରିବା ଦରକାର. ଶ୍ରୀ ନୀଳାଚଳ ସେବା ସଙ୍ଘ ରାଜ୍ୟର ସେହିଭଳି କିଛି ପ୍ରତିଭା ମାନ ପଦ୍ମ ପୁରସ୍କାର ପ୍ରାପ୍ତ ବ୍ୟକ୍ତିଙ୍କୁ ପୂର୍ବରୁ ସମ୍ବର୍ଦ୍ଧିତ କରିଥିବା ବେଳେ ଆଜିମଧ ସେହିଭଳି କିଛି ମହାନ ବ୍ୟକ୍ତି ଙ୍କୁ ନିକଟରେ ପାଇ ସେମାନଙ୍କର ଜୀବନବ୍ୟାପି ସାଧନାକୁ ସମ୍ମାନ ଜଣାଇ ଆଜି ସେମାନଙ୍କୁ ସମ୍ବର୍ଦ୍ଧିତ କରି ଶ୍ରୀ ନୀଳାଚଳ ସଂଘ ଗୌରବାନିତ ମନେ କରୁଛି ବୋଲି କହିଥିଲେ. ଦୀର୍ଘ ବର୍ଷ ବର୍ଷ ଧରି ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ପବିତ୍ର ରଥଯାତ୍ରାରେ ଧାରାବାହିକ ବିବାରଣୀ ପ୍ରସାର କରି ଲୋକଙ୍କ ମନରେ ଭକ୍ତି ଭାବ ଜାଗୃତି କରାଇଥିବା ପଦ୍ମଶ୍ରୀ ରଜତକୁମାର କର, ଶିଳ୍ପ ଓ ଭାସ୍କର୍ଯ୍ୟ ପାଇ ଆଜି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଶିଳ୍ପୀ ସୁଦର୍ଶନ ସାହୁ ଙ୍କୁ, ଓ ଶେଷରେ ରାଜ୍ୟ ର ପାରମ୍ପରିକ କଳା ଓ ସଂସ୍କୃତି କୁ ବଞ୍ଚାଇ ନିଜର ଚଇତି ଘୋଡା ନୃତ୍ୟ ମାଧ୍ୟମରେ ସମାଜରେ ସଚେତନତା ସୃଷ୍ଟି କରାଉଥିବା , ସରକାର ଙ୍କ ଲୋକାଭିମୁଖୀ ଯୋଜନା କୁ ଜନ ସାଧାରଣ ଙ୍କ ପାଖରେ ନୃତ୍ୟ ମାଧମ ରେ ପହଂଚାଇବା, ଅନ୍ଧବିଶ୍ୱାସ ଓ କୁସଂସ୍କାର ଭଳି କକ୍ଷର୍ଯ୍ୟ କୁ ନୃତ୍ୟ ମାଧ୍ୟମରେ ଲୋକଙ୍କୁ ଦୁରେଇ ରଖିବା ଦିଗରେ ଉଦ୍ୟମ ଜାରି ରଖିଥିବା ଚୌଦ୍ୱାର ଅଂଚଳ ର ପଦ୍ମଶ୍ରୀ ଉଛବ ଚରଣ ଦାସ ଙ୍କୁ ସମ୍ପାଦକ ଶ୍ରୀ ପ୍ରଧାନ ପୁଷ୍ପଗୁଚ୍ଛ, ଅଙ୍ଗବସ୍ତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କର ଉତ୍ତରୋତ୍ତର କାମନା କରିଥିଲେ ।ପଦ୍ମବିଭୂଷଣ ଉପାଧି ଗ୍ରହଣ କରି ମଞ୍ଚରେ ଉପସ୍ଥିତ ଥିବା ପଦ୍ମବିଭୂଷଣ ସୁଦର୍ଶନ ସାହୁ ନିଜ ସମ୍ବର୍ଦ୍ଧିତ ଉତ୍ତର ରେ କହିଥିଲେ ମୁ ଯାହାକିଛି କରିଛି ଓ କରି ଚାଲିଛି ତାହା କେବଳ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ କୃପା ଓ ଆଶୀର୍ବାଦ, ପୁରୀବାସୀ ଙ୍କ ଭଲ ପାଇବା, ଶ୍ରୀ ମୁକ୍ତିମଣ୍ଡପ ର ସହଯୋଗ, ଓ ବିଶେଷ କରି ରାଜ୍ୟ ର ମାନ୍ୟବର ପ୍ରିୟ ମୁଖ୍ୟମନ୍ତ୍ରୀ ଙ୍କ ପୂର୍ଣ୍ଣ ସହଯୋଗ ପାଇଁ ମୁ ଆଜି ଏତେ ଦୂରରେ ପହଂଚିପାରିଛି । ଆଗାମୀ ଦିନରେ ରାଜ୍ୟ ସରକାର ଙ୍କ ସହଯୋଗ ରହିଲେ ଓଡିଶା ର କଳା ସଂସ୍କୃତି କୁ ବିଶ୍ୱଦରବାର ରେ ପହଞ୍ଚାଇବା ଦିଗରେ ଉଦ୍ୟମ ଜାରି ରଖିବି ବୋଲି କହିଥିଲେ. ଅବସରପ୍ରାପ୍ତ ପ୍ରଶାସକ ତଥା ଶିକ୍ଷାବିତ ପଦ୍ମଶ୍ରୀ ରଜତ କୁମାର କର ନିଜ ବ୍ୟକ୍ତବ୍ୟ ରେ କହିଥିଲେ ଆଜି ଏହି ପୁରସ୍କାର ପାଇ ନିଜକୁ ମୁ ଖୁସି ଅନୁଭବକରୁଛି.ଜାତୀୟ ସ୍ତରରେ ଆଜି ଏହିଭଳି ଏକ ସ୍ୱୀକୃତି ମିଳିଲା ଯାହା ଗୌରବ ର ବିଷୟ.ରାଜ୍ୟ ସରକାର ଙ୍କ ପୂର୍ଣ୍ଣ ସହଯୋଗ ଓ ପବିତ୍ର ରଥଯାତ୍ରା ରେ ଧରକ୍ଷବାହିକ ବିବରଣୀ ଶୁଣୁଥିବା ଓ ପାଲା ପ୍ରତି ଆଗ୍ରହ ରଖିଥିବା ଶ୍ରଦ୍ଧାଳୁ ମାନଙ୍କ ସହଯୋଗ ପାଇଁ ଭାରତ ସରକାର ଙ୍କ ପାଖରେ ମୋର ପରିଚୟ ପହଞ୍ଚିଲା। ଭାରତସରକାର ଏହାକୁ ବିଚାରକୁ ନେଇ ମୋତେ ଆଜି ପଦ୍ମଶ୍ରୀ ସମ୍ମାନ ରେ ସମ୍ମନୀତ କରିଛନ୍ତି। ପ୍ରଥମେ ସବୁ ଶ୍ରେୟ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କୁ ଦେବି. ଶ୍ରୀ ନୀଳାଚଳ ସେବା ସଙ୍ଘ ର କାର୍ଯ୍ୟ,ମନ୍ଦିର ପରିଚାଳନା କୁ ମଧ ସେ ଉଚ୍ଚ ପ୍ରଶଂସା କରିଥିଲେ। ଶେଷରେ ପଦ୍ମଶ୍ରୀ ଉପାଧି ଗ୍ରହଣ କରି ଆଜିର ଏହି ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିବା ଡ଼. ଉଚ୍ଚବ ଚରଣ ଦାସ କହିଥିଲେ ଜାତୀୟ ସ୍ତର ରେ ଏହି ପୁରସ୍କାର ପାଇ ନିଜକୁ ଗୌରବାନିତ ମନେ କରୁଛି। ଯାହା ଆଶା କରି ନଥିଲି ମହାପ୍ରଭୁ ଶ୍ରୀ ଜଗନ୍ନାଥ ତାହା ଆଜି ମୋତେ ଦେଇଛନ୍ତି. କଳା ର ବିକାଶ, କଳା ର ପ୍ରଚାର, ପ୍ରସାର ଓ କଳା କୁ ବଞ୍ଚାଇବା ପାଇଁ ସରକାରୀ ଚାକିରୀ କୁ ତୁଛକରି ନୃତ୍ୟ ପ୍ରତି ଆଗ୍ରହ ପ୍ରକାଶ କରି ଜୀବନ ରେ ଅନେକ ସଂଘର୍ଷ କରି ରାଜ୍ୟ ଓ ରାଜ୍ୟ ବାହାରେ ବହୁ ପ୍ରଥିଷ୍ଠିତ ମଞ୍ଚରେ ନିଜର ନୃତ୍ୟ କଳା ପ୍ରଦର୍ଶନ କରି ଜୀବନ ରେ ଅନେକ ଉପାଧି, ପୁରସ୍କାର ପାଇଛି, ଏହି ପରିଣିତ ବୟସ ରେ ଆଜି ପଦ୍ମଶ୍ରୀ ଉପାଧି ପାଇ ନିଜକୁ ଧନ୍ୟମନେ କରୁଛି ବୋଲି କହିଥିଲେ। ଆୟୋଜିତ ଏହି ଉତ୍ସବ ରେ ମନ୍ଦିର ର ଯୁଗ୍ମ ସମ୍ପାଦକ ଅଶୋକ ପ୍ରଧାନ, କୋଷାଧକ୍ଷ ପଙ୍କଜ କୁମାର ମହାନ୍ତି, ସଦସ୍ୟ ଅଭିରାମ ସୁତାର, ସର୍ବୋଚ୍ଚ ନ୍ୟାୟାଳୟ ର ବରିଷ୍ଠ ଆଇନଜୀବ ଜିତେନ୍ଦ୍ର ମହାପାତ୍ର, ମନ୍ଦିର ପରିଚାଳକ ରଶ୍ମି ରଞ୍ଜନ ବେହେରା, ପ୍ରମୁଖ ଏଥିରେ ଯୋଗ ଦେଇଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ କେନ୍ଦ୍ର ସରକାର ଙ୍କ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ଡ଼. ଅରୁଣ ପଣ୍ଡା ଏଥିରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ କୁ ମନ୍ଦିର କର୍ଯ୍ୟନିର୍ବାହ କମିଟି ର ସଦସ୍ୟ ଅଜୟ ପ୍ରଧାନ ସଂଚାଳନ କରିଥିଲେ।

## ୧୫ରୁ ଖୋଲିବ ଷଷ୍ଠ ଓ ସପ୍ତମ ଶ୍ରେଣୀ

### ସକାଳ ସାଢେ଼ ୯ରୁ ଗୋଟାଏ ଯାଏଁ ସ୍କୁଲ ଆସିବେ ପିଲା

ଭୁବନେଶ୍ୱର,୧୦।୧୧(ପି.ଏନ): ଆସନ୍ତା ନଭେମ୍ବର ୧୫ ତାରିଖରୁ ଷଷ୍ଠ ଓ ସପ୍ତମ ଶ୍ରେଣୀ ପାଇଁ ସ୍କୁଲ୍ ଖୋଲିବ । ସ୍କୁଲ ଓ ଗଣ ଶିକ୍ଷା ମନ୍ତ୍ରୀ ସମୀର ଦାଶ ଏହି ସୂଚନା ଦେଇଛନ୍ତି। କୋଭିଡ୍ ଗାଇଡଲାଇନ ଆଧାରରେ ପାଠପଢ଼ା ହେବ। ଏହା ପୂର୍ବରୁ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପାଇଁ ସ୍କୁଲରେ ପାଠପଢ଼ା ଜାରି ରହିଛି। ଆଉ ଦୀପାବଳି ପରେ ଷଷ୍ଠ ଓ ସପ୍ତମ ଶ୍ରେଣୀ ସ୍କୁଲ ଖୋଲାଯାଇପାରେ ବୋଲି ସୂଚନା ମିଳିଥିଲା। ଶେଷରେ ଏହି ଦୁଇଟି ଶ୍ରେଣୀର ସ୍କୁଲ ଖୋଲିବାକୁ ମଧ ନିଷ୍ପତି ନିଆଯାଇଛି। ମନ୍ତ୍ରୀଙ୍କ ଘୋଷଣା ପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ସୂଚନା ଅନୁଯାୟୀ ଷଷ୍ଠ ଓ ସପ୍ତମ ଶ୍ରେଣୀ ଛାତ୍ର ଛାତ୍ରୀ ସକାଳ ସାଢେ଼ ୯ଟାରୁ ଦିନ ୧ ଟା ପର୍ଯ୍ୟନ୍ତ ସ୍କୁଲ ଆସିବେ। ପିଲାମାନେ ଅଭିଭାବକଙ୍କ ଅନୁମତି ନେଇ ଅଫଲାଇନ୍ କ୍ଲାସ୍ କରିବେ। ଏହା ବ୍ୟତୀତ ଅନଲାଇନ୍ କ୍ଲାସ୍ ମଧ୍ୟ ଜାରି ରହିବ। ସ୍କୁଲ ସହ କୋଭିଡ୍ ଗାଇଡ୍ ଲାଇନ୍ ମାନି ହଷ୍ଟେଲ ମଧ୍ୟ ଖୋଲାଯିବ। ସ୍କୁଲ ଖୋଲିବା ପୂର୍ବରୁ ଜିଲ୍ଲା ଓ ବ୍ଲକ୍ ଶିକ୍ଷା ଅଧିକାରୀ ପ୍ରମୁଖ ସେଠାକୁ ଯାଇ ସ୍କୁଲ ପରିସରରେ ସ୍ୱଚ୍ଛତା ନେଇ ନିଶ୍ଚିତ କରିବେ। କୋଭିଡ୍ ମହାମାରୀ ପାଇଁ ପାଖାପାଖି ଦୁଇ ବର୍ଷ ଧରି ବନ୍ଦ ରହିଥିଲା ସ୍କୁଲ। ତେବେ ପିଲାମାନଙ୍କୁ ପାଠ ପଢ଼ାଇବା ପାଇଁ ରାଜ୍ୟ ସରକାର ଅନ୍‌ଲାଇନ୍ କ୍ଲାସ ଆରମ୍ଭ କରିଥିଲେ। ରାଜ୍ୟରେ କରୋନା ସ୍ଥିତିରେ ସୁଧାର ଆସିବା ପରେ ରାଜ୍ୟରେ ନବମ, ଦଶମ ଓ ଦ୍ୱାଦଶ ଶ୍ରେଣୀ ଖୋଲା ହୋଇଥିଲା। ଦଶହରା ପରେ ଅକ୍ଟୋବର ୨୧ ତାରିଖରୁ ଏକାଦଶ ଏବଂ ୨୫ରୁ ଅଷ୍ଟମ ଶ୍ରେଣୀ କ୍ଲାସ୍ ଖୋଲିଥିଲା।

## କରୋନା ବଟିକା ମଗାଇବ ଓଡ଼ିଶା

ଭୁବନେଶ୍ୱର,୧୦।୧୧(ପି.ଏନ): କରୋନା ବିପକ୍ଷରେ ଲଢେ଼ଇ ପାଇଁ ୟୁକେରେ ପ୍ରସ୍ତୁତ ମୋଲନୁପିରାଭିର କ୍ୟାପସୁଲ୍ ମଗାଇବ ରାଜ୍ୟ । ମୋଲନୁପିରାଭିର ବଟିକା ୫୦% ମୃତ୍ୟୁ ରୋକୁଛି। ତେବେ ଡ୍ରଗ୍ସ କଂଟ୍ରୋଲରର ଅନୁମତି ମିଳିଲେ ଏହି କ୍ୟାପସୁଲ ମଗାଯିବ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର। ୟୁରୋପୀୟ ଦେଶମାନଙ୍କରେ ସଂକ୍ରମଣ ଦ୍ରୁତ ଗତିରେ ବଢୁଛି । କଟକଣା କୋହଳ ଯୋଗୁଁ ସେଠାରେ ବଢୁଛି ସଂକ୍ରମଣ।

## ନଭେମ୍ବର ୧୨ ତାରିଖ ଓଡିଶା ବନ୍ଦ ନେଇ କଂଗ୍ରେସର ପ୍ରସ୍ତୁତି ବୈଠକ

ଭୁବନେଶ୍ୱର,୧୦।୧୧(ପି.ଏନ): ଆସନ୍ତା ୧୨ ତାରିଖ ଓଡିଶା ବନ୍ଦ ଓ ୧୯ ତାରିଖ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ନେଇ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କଂଗ୍ରେସ କମିଟି ସଭାପତି ବିଶ୍ୱଜିତ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକ ରେ ଓଡିଶା ବନ୍ଦ ର ରୂପରେଖ ଉପରେ ଆଲୋଚନା କରା ଯାଇଥିଲା । ସଭା ପରେ ଶ୍ରୀ ଦାଶ ଜିଲ୍ଲା କହିଥିଲେ ମମିତା ମେହର ହତ୍ୟାକାଣ୍ଡର ନିରପେକ୍ଷ ତଦନ୍ତ ତଥା ଗୃହରାଷ୍ଟ୍ରମନ୍ତ୍ରୀଙ୍କୁ ବହିଷ୍କାର ସହ ତୁରନ୍ତ ଗିରଫ ଏବଂ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଓଡିଶା ବନ୍ଦ ଡାକରାକୁ ପୂର୍ଣ୍ଣ ମାତ୍ରାରେ ସଫଳ କରିବାକୁ ଭୁବନେଶ୍ୱରର ସବୁ ସ୍ଥାନରେ ଜୋରଦାର ଆନ୍ଦୋଳନ କରାଯିବ ପାଇଁ ନିଷ୍ପତି ନିଆଯାଇଛି । ୧୨ ତାରିଖ ସକାଳ ୬ ଘଟିକା ଠାରୁ ୧୨ ଘଟିକା ପର୍ଯ୍ୟନ୍ତ ୬ ଘଂଟିଆ ବନ୍ଦ ପାଳନ କରାଯିବ ବୋଲି ସେ କହିଥିଲେ ।ମମିତାଙ୍କ ପରିବାରକୁ ନ୍ୟାୟ ଦେବାପାଇଁ ଓଡିଶା ବନ୍ଦ ଡାକରାକୁ ସଫଳ କରିବା ପାଇଁ ଉକ୍ତ ବୈଠକରେ ଯୋଗଦେଇଥିବା ପ୍ରଦେଶ କଂଗ୍ରେସ ମୁଖପାତ୍ର ରଜନି କୁମାର ମହାନ୍ତି, ସମ୍ପାଦକ ସୁବ୍ରତ ମହାପାତ୍ର ,ଜିଲ୍ଲା ମୁଖପାତ୍ର ସଞ୍ଜୀବ ମହାନ୍ତି, ବରିଷ୍ଠ କଂଗ୍ରେସ ନେତା ମନୋରଞ୍ଜନ ଦଶ , ୟାଶୀର ନୱାଜ,ମୋହନ ଜେନା, ଜିଲ୍ଲା କଂଗ୍ରେସ ଉପସଭାପତି ଆଶିଷ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ସୁଚିନ୍ତିତ ମତାମତ ବା ଉପାଦେୟ ପରାମର୍ଶ ଦେବା ପରେ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରାଯାଇଛି।

## ଆୟବର୍ହିଭୂତ ସମ୍ପତି ଠୁଳ ମାମଲା : ଓପିଏଚଡବ୍ଲୁସି ଡେପୁଟି ମ୍ୟାନେଜର ପ୍ରତାପ ସାମଲ ଗିରଫ

ଭୁବନେଶ୍ୱର, ୧୦।୧୧(ପି.ଏନ): ଆୟବର୍ହିଭୂତ ସମ୍ପତି ଠୁଳ ଅଭିଯୋଗରେ କୋଟିପତି ଓଡ଼ିଶା ପୋଲିସ୍ ହାଉସିଂ ଆଣ୍ଡ ୱେଲଫେଆର୍ କର୍ପୋରେସନ(ଓପିଏଚଡବ୍ଲୁସି) ଡେପୁଟି ମ୍ୟାନେଜର ପ୍ରତାପ ସାମଲଙ୍କୁ ଭିଜିଲାନ୍ସ ବିଭାଗ ଗିରଫ କରିଛି। ଭିଜିଲାନ୍ସ ବିଭାଗ ପ୍ରତାପଙ୍କ ସମେତ ତାଙ୍କର ସ୍ତ୍ରୀ ସସ୍ମିତା ସାମଲଙ୍କ ନାଁରେ ମଧ୍ୟ ମାମଲା ରୁଜୁ ହୋଇଛି। ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କୁ ଭିଜିଲାନ୍ସ ବିଭାଗର ଅଧିକାରୀମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ପଚରାଉଚରା କରିଥିଲେ। କିନ୍ତୁ ସ୍ୱାମୀ-ସ୍ତ୍ରୀ ସନ୍ତୁଷ୍ଟମୂଳକ ଉତର ଦେଇପାରି ନଥିଲେ। ଭିଜିଲାନ୍ସ ବିଭାଗ ଗତକାଲି ପ୍ରତାପଙ୍କ ବିଭିନ୍ନ ଠିକଣାରେ ଚଢ଼ଉ କରିଥିଲା। ପ୍ରତାପ ଓ ତାଙ୍କ ସ୍ତ୍ରୀ ନାଁରେ ଥିବା ସମ୍ପତିର ୧୪ କୋଟି ୮୭ ଲକ୍ଷ ୪୧ ହଜାର ୧୯୪ ଟଙ୍କା ଠାବ ହୋଇଛି। ଭିଜିଲାନ୍ସ ବିଭାଗ କହିଛି ପ୍ରତାପଙ୍କ ସମ୍ପତି ଆୟଠାରୁ ୧୦୨୧ ଗୁଣା ଅଧିକ ।ଡେପୁଟି ମ୍ୟାନେଜର ପ୍ରତାପ ସାମଲଙ୍କ ବାସଭବନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ବେଳେ ଘରୁ ୩୮.୧୨ ଲକ୍ଷ ଟଙ୍କା ଜବତ ହୋଇଛି। ପ୍ରତାପ ପଡ଼ୋଶୀ ଘର ଛାତକୁ ଫୋପାଡ଼ି ଦେଉଥିବା ୨୦ ଲକ୍ଷ ଟଙ୍କାର ବିଡ଼ା ବିଡ଼ା ନୋଟର ଏକ ପେଟି ଜବତ ହୋଇଛି। ସେହିଭଳି ପ୍ରତାପଙ୍କ ଘରୁ ଏଯାବତ ୧୮ ଲକ୍ଷ ଟଙ୍କା ଜବତ କରାଯାଇଛି। ଏହାଛଡ଼ା ତାଙ୍କ ପତ୍ନୀ ସସ୍ମିତା ସାମଲଙ୍କ ନାମରେ ଗୋଠପାଟଣାରେ ଏକ ପାଂଚ ମହଲା କୋଠା ରହିଛି , ଯାହାର ମୂଲ୍ୟ ୩.୮୯ କୋଟି ଟଙ୍କା ।ଉଲ୍ଲେଖଯୋଗ୍ୟ, ପ୍ରତାପ ସାମଲଙ୍କ ଘର ସମେତ ଭୁବନେଶ୍ୱର, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ୧୦ଟି ଜାଗାରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ାଉ କରାଯାଇଛି । ପ୍ରତାପଙ୍କ ଭୁବନେଶ୍ୱର ଆଇଆରସି ଭିଲେଜ୍ ପ୍ଲଟ୍ ନମ୍ବର ଏନ୍/୬-୪୧୬ରେ ଏକ ତିନିମହଲା କୋଠା, ଜୟଦେବ ବିହାରରେ ଏକ ଦୁଇମହଲା ଘର, ବିଜୁ ପଟ୍ଟନାୟକ କଲେଜ ଛକ ମା ଭାଗବତୀ ମନ୍ଦିର ବିପରୀତ ଦିଗରେ ଏକ ଛଅମହଲା କୋଠା, ଖଣ୍ଡଗିରିରେ ଏକମହଲା ଭଡ଼ା ଦିଆଯାଇଥିବା ଘର, ଅନନ୍ୟା ଟାୱାରରେ ଥିବା ତାଙ୍କ ସହଯୋଗୀଙ୍କ ଘର, ତାଙ୍କ ପୁଲିସ୍ ହାଉସିଂ ଆଣ୍ଡ ୱେଲଫେୟାର କର୍ପୋରେସନର କାର୍ଯ୍ୟାଳୟ, ଭଦ୍ରକ ଜିଲ୍ଲାର ବାସୁଦେବପୁରର ବାଲିସାହିଠାରେ ଏକ ତିନି ମହଲା ଆପାର୍ଟମେଂଟ, ବାଲେଶ୍ୱର ଜିଲ୍ଲାର ସୁମୁଳିଆ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ହରିପୁରରେ ନିଜର ପୈତୃକ ଘର ଓ ସଂପର୍କୀୟଙ୍କ ଘରେ ଚଢ଼ାଉ କରାଯାଇଥିଲା। ପ୍ରତାପ ସାମଲ ଜଣେ ଡିପ୍ଲୋମା ସିଭିଲ ଇଞ୍ଜିନିୟର।ସେ ଓଡ଼ିଶା ପୁଲିସ୍ ହାଉସିଂ ଆଣ୍ଡ ୱେଲଫେଆର୍ କର୍ପୋରେସନରେ ଜୁନିୟର ଇଂଜିନିୟର ଭାବେ ୧୯୮୮ମସିହା ଅଗଷ୍ଟ୧୪ ତାରିଖରେ ଯୋଗଦେଇଥିଲେ। ପରେ ସେ ଏଷ୍ଟିମେଟର ଭାବେ ସେହିଠାରେ ୧୯୯୪ରୁ ୧୯୯୫ ଯାଏଁ କାମ କରିଥିଲେ। କେନ୍ଦ୍ରାପଡ଼ା ଓ ଦେବଗଡ଼ ଭଳି ଜିଲ୍ଲାରେ କାମ କରିବା ପରେ ପୁଣି ଓଡ଼ିଶା ପୁଲିସ୍ ହାଉସିଂ ଆଣ୍ଡ ୱେଲଫେଆର୍ କର୍ପୋରେସନ ଅଫିସରେ ଡେପୁଟି ମ୍ୟାନେଜର ଭାବେ କାମ କରୁଥିଲେ।

## ସୁଶ୍ରୀ ପଙ୍କଜିନୀ ପ୍ରଧାନଙ୍କ ବିୟୋଗରେ ଜେ.ଭି.-୯୦ର ଶୋକ ପ୍ରକାଶ



ଭୁବନେଶ୍ୱର/ସମ୍ବଲପୁର/ବୁର୍ଲା। ୧୦।୧୧(ପି.ଏନ): ସମ୍ବଲପୁର ନିର୍ବାସୀ ସୁଶ୍ରୀ ପଙ୍କଜିନୀ ପ୍ରଧାନଙ୍କ ହୃଦଘାତରେ ପରଲୋକ ହୋଇଯାଇଛି। ତାଙ୍କ ଅକାଳ ବିୟୋଗରେ ଜ୍ୟୋତିବିହାର-୯୦ର ସମସ୍ତ ସଦସ୍ୟ/ସଦସ୍ୟା ଗଭୀର ଶୋକ ପ୍ରକାଶ କରିବା ସହ ପରିବାର ପ୍ରତି ସମବେଦନା ଜ୍ଞାପନ କରିଛନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ କୃତିତ୍ୱର ସହ ଉର୍ତ୍ତୀର୍ଣ୍ଣ ପରେ ଝାରସୁଗୁଡ଼ା ଡି.ଏଭି ବିଦ୍ୟାଳୟରେ ଶିକ୍ଷୟତ୍ରୀ ଭାବେ କାର୍ଯ୍ୟରତ ଥିଲେ। ତାଙ୍କର ଅସମୟରେ ବିୟୋଗ ଜ୍ୟୋତି ବିହାର -୯୦ ତା'ର ଏକ ସହଯୋଗୀଙ୍କୁ ହରାଇଲା ବୋଲି ମୁଖ୍ୟ ସଂଯୋଜକ ସୁରେଶ କର ଏବଂ ସଂଜୀବ ମହାନ୍ତିଙ୍କଠାରୁ ପ୍ରକାଶ।

## Accommodation Wanted

Required independent single /double / Triple Storeyed building for Office purpose. IRC Village, NAYAPALLI Location is Prefered Intrested House Owner can contact on the following Number 9437588705 (Mob) Or Email house details, contact number etc on pabitrasamantry@gmail.com

## APPOINTMENT

THE KALINGA CHRONICLE
Popular people's Daily of Odisha

ପର୍ଯ୍ୟବେକ୍ଷକ
PARYABEKHYAK
Visit at:- www.pabitramohansamantaray.in

**Paryabekhyak and The Kalinga Chronicle Group need**

1. **DTP Operator & Layout designer** (English and Odiya)
   2-5 years experience in **Photoshop** and **Coreldraw**
2. **Accountant**
   B. Com. with knowledge in latest Tally version
3. **Advertisement Executive**
   2-5 years experience in Sale, Advertisement and Space Marketing
4. **Reporters** in Block, Sub-division & District level
   Minimum Graduate with 2-5 years experiences in fieled reporting
   (Diploma/Degree in Journalism preferred)

Send your bio-data within 15 days on email id:
**paryabekhyak@gmail.com**
**kalingachronicle@gmail.com**
**Whatsapp on: 9853400829**
**Visit at : www.paryabekhyak.com**
**www.thekalingachronicle.com**

**Paryabekhyak Odisha & Kalinga Chronicle TV**

1. **Visual Editor**
   2 to 5 years experience (Premier and FCP)
2. **Word Press**
   Developer-cum-Social Media Manager
   2 to 5 years experience in Managing Odia and English News Website, You tube and Social Media Platform
3. **Business Development Manager** (Sales & Marketing)
   3 to 5 years experience
4. **Bulletin Producer**
   3 to 5 years experience
5. **News Reader/ Content writer/ Anchor**
6. **Reporters at Panchyat/City** (NAC & Muncipality) / Block/ Tahasil / Sub-Division/ District Level)
   2 to 3 years experience in field Reporting
   Diploma/Degree in Digital and Broadcast Journalism Prefered

Mail your resume on
**Paryabekhyak Odisha@gmail.com**
**Kalinga Chronicle TV@gmail.com**
**Whatsapp on: 9437588705**
**Visit at :www.paryabekhyakodisha.in**
**www.kalingachronicletv.in**










# ଟି ଟାଇମ୍


## ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି




ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟଉ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତଉ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜଉ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫଉ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକଉ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡଉ କରିଥିଲେ।

# ପୁରାଣ କାହାଣୀ

## ଅଂହକାରରୂପୀ ସାପ





ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଈଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଈ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଈ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବନ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

## ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରଥମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁତ୍ଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍‌ଗର ଗୋଟିଏ ଛୋଟ ବିଡ଼ା ଅଛି ।

## ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

## ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା’ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍’ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ’ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ ।

## ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ୍ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

## ପ୍ଲାଷ୍ଟିକ୍ ବେବି

ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା’ ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା

ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା’ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହ ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ନ୍ତର୍ଫ୍ରି ଲଭ କମ୍ୟୁନିଟଉ’ କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲ ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।




# କନ୍ଧମାଳ ଜିଲ୍ଲା ଲ୍ୟାମ୍ପସ କର୍ମଚାରୀ ସଂଘର ସାଧାରଣ ପରିଷଦ ବୈଠକ



ଫୁଲବାଣୀ (ପିଏନ୍): କନ୍ଧମାଳ ଜିଲ୍ଲା ଲ୍ୟାମ୍ପସ କର୍ମଚାରୀ ସଂଘର ସାଧାରଣ ପରିଷଦ ବୈଠକ ସାରଙ୍ଗଡ ନିକଟରେ ଥିବା ଗୁଟିଙ୍ଗିଆ ଡ୍ୟାମ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କନ୍ଧମାଳ ଜିଲ୍ଲା ସଂଘର ସମ୍ପାଦକ ଭୀମସେନ ସାହୁ ବିବରଣି ପାଠ କରିବା ସହିତ ଓଡିଶା ସମବାୟ ସମିତି ସମୂହ ନିବନ୍ଧକଙ୍କ ଚିଠି ନଂ-୧୪୩୯୪ ତା୩୦.୦୯.୨୦୨୧ ଅନୁସାରେ ରାଜ୍ୟ କନିଷ୍ଠ କର୍ମଚାରୀ ଚୟନ ଆୟୋଗଙ୍କ ରାଜ୍ୟର ପ୍ରତ୍ୟେକ ସମବାୟ ସମିତି କାର୍ଯ୍ୟାଳୟ ଗୁଡିକରେ ଜଣେ ଲେଖାଏଁ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ (ସିଇଓ) ନିଯୁକ୍ତି କରାଯିବା ନିଷ୍ପତିକୁ ସଂଘ ପକ୍ଷରୁ ବିରୋଧ କରାଯିବା ନେଇ ଦାବୀ ଉପସ୍ଥାପନ କରିଥିଲେ । ଜିଲ୍ଲା ସଭାପତି କୃପାସିନ୍ଧୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ସ୍ତରରେ ଗ୍ରେଡେସନ ଅନୁସାରେ କର୍ମଚାରୀ ମାନଙ୍କୁ ପଦୋନ୍ନତି କରାଯାଇ ବ୍ୟାଙ୍କକୁ ପଠାଯାଉ ନଥିବା, ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କ ଉଦସିନତା ହିଁ ଏକମାତ୍ର କାରଣ ବୋଲି ସଭାରେ କର୍ମଚାରୀ ମାନଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି । ଲ୍ୟାମ୍ପସ ମାନଙ୍କରେ ସରକାର ଆଧୁନିକିକରଣ କରିବାକୁ ଯାଇ ସମସ୍ତ କାର୍ଯ୍ୟକୁ ସେହି ଅନୁସାରେ ଅନଲାଇ ଜରିଆରେ କରିବାକୁ ନିଷ୍ପତି ନେଇ ଥିବାବେଳେ ଏଥିପାଇଁ ଅସ୍ଥାୟୀ ଡାଟା ଏଣ୍ଟ୍ରି ଅପରେଟର (ଡିଇଓ) ନିଯୁକ୍ତି କରିଛନ୍ତି । ସେମାନେ ଅନୁଷ୍ଠାନର ସମସ୍ତ କାର୍ଯ୍ୟକୁ ତୁଲାଉଥିବାବେଳେ ସେମାନଙ୍କ ଚାକିରି ଅସ୍ଥାୟୀ ଥିବାରୁ ସେମାନଙ୍କ ଭବିଷ୍ୟତ ଅନ୍ଧକାରରେ ରହିଛି ତେଣୁ ସେମାନଙ୍କୁ ସ୍ଥାୟୀ ଭାବରେ ନିଯୁକ୍ତି ଦେବାକୁ ଦାବୀ କରାଯାଇଛି । କର୍ମଚାରୀ ମାନଙ୍କୁ ବିନା ସର୍ତରେ ୭ମ ବେତନ କମିସନ ଅନୁସାରେ ଦରମା ପ୍ରଦାନ କାଯିବା ଭଳି ସମସ୍ତ ଦାବୀ ଗୁଡିକ ପୁରଣ କରାଯିବା ଦାବୀରେ ରାଜ୍ୟର ସମସ୍ତ ଜିଲ୍ଲାରେ ସଭା ସମିତି କରାଯାଇ ଏହି ଦାବୀ ପୁରଣ କରିବାକୁ ଦାବୀ କରାଯାଇଛି । ଏହି ଦାବୀ ସବୁକୁ ପୁରଣ ନ କଲେ ମହାସଂଘ ତରଫରୁ ନିଆଯାଇଥିବା ନିଷ୍ପତି ପ୍ରକାରେ ଭୁବନେଶ୍ୱର ଠାରେ ରାଜ୍ୟ ସମବାୟ ସମିତି କର୍ମଚାରୀ ସଂଘର ଫେଡେରେସନ ବୈଠକରେ ଅନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବା ନେଇ ନିଷ୍ପତି ଗ୍ରହଣ କରାଯିବ ବୋଲି ଜଣାପଡିଛି । ଏହି ସଭାରେ ବୌଦ୍ଧ ଜିଲ୍ଲାର କର୍ମଚାରୀ ସଂଘର କର୍ମକର୍ତା ପ୍ରଦୀପ ଅମାତ,ସୁଭ୍ରଜିତ ପ୍ରଧାନ, ପ୍ରତାପ ପ୍ରଧାନ, ସିବ ପ୍ରଧାନ, ସତ୍ୟଜିତ କରଙ୍କ ସମେତ କନ୍ଧମାଳ ଜିଲ୍ଲାର ଅଶୋକ ପାତ୍ର, ମିନେଶ୍ୱର ମାନସେଠ୍, ସୁଶାନ୍ତ ବେହେରା, ଶିଶିର ତ୍ରିପାଠୀ, ଚନ୍ଦ୍ରମୋହନ ସାହୁ ପ୍ରମୁଖ ସେମାନଙ୍କ ମତାମତ ପ୍ରଦାନ କରିଥିଲେ । ଏଥିରେ ଉବୟ କନ୍ଧମାଳ ଏବଂ ବୌଦ୍ଧ ଜିଲ୍ଲାର ଶତାଧିକୁ କର୍ମଚାରୀ ଯୋଗ ଦେଇଥିଲେ ।

# ହିନ୍ଦୁ ସମାଜର ବିଲୋପକରଣ ପାଇଁ ବଙ୍ଗଳାଦେଶରେ ଜିହାଦି ଗୋଷ୍ଠୀ ଦ୍ୱାରା ଯୋଜନାବଦ୍ଧ ଷଡଯନ୍ତ୍ର




ଭୁବନେଶ୍ୱର (ପିଏନ୍): ବଙ୍ଗଳା ଦେଶରେ ହିନ୍ଦୁ ସମାଜକୁ ବିଲୋପ କରିଦେବା ପାଇଁ ବାରମ୍ବାର ଆକ୍ରମଣ ହେଉଛି । ଏହି ଘଟଣାରେ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହିତ ସେଠାରେ ଜିହାଦୀ ଗୋଷ୍ଠୀ ଦ୍ୱାରା ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ହେଉଥିବା ବର୍ବରୋଚିତ ଆକ୍ରମଣ ଓ ବ୍ୟାପକ ଇସଲାମିକରଣର ଷଡଯନ୍ତ୍ରକୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଘୋର ନିନ୍ଦା କରିଛି । ବଙ୍ଗଳାଦେଶରେ ଅଥବା ବିଶ୍ୱର ଅନ୍ୟ କୌଣସି ସ୍ଥାନରେ ମୌଳବାଦୀ ଇସଲାମିକ ଗୋଷ୍ଠୀର ଆବିର୍ଭାବ ଦ୍ୱାରା ସାରା ବିଶ୍ୱର ଶାନ୍ତିପ୍ରିୟ ଦେଶମାନଙ୍କର ଗଣତାନ୍ତ୍ରିକ ବ୍ୟବସ୍ଥା ଓ ମାନବାଧିକାର ପାଇଁ ଭୟଙ୍କର ବିପଦ ସୃଷ୍ଟି ହୋଇପାରେ ବୋଲି ସଂଘର ଅଖିଳ ଭାରତୀୟ କାର୍ଯ୍ୟକାରୀ ମଣ୍ଡଳ ସତର୍କ କରାଇ ଦେଇଛି; ଏକଥା ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଆରଏସ୍ଏସ୍ ତରଫରୁ ପ୍ରକାଶ କରାଯାଇଛି । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡିଶା ପୂର୍ବ ତରଫରୁ ଭୁବନେଶ୍ୱର ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସଂଗଠନର ପ୍ରାନ୍ତ ସଂଘଚାଳକ ସମୀର କୁମାର ମହାନ୍ତି ପ୍ରକାଶ କରିଛନ୍ତି ଯେ, ଗତ ଅକ୍ଟୋବର ୨୮,୨୯ ଓ ୩୦ ତାରିଖ ତିନିଦିନ ଧରି କର୍ଣ୍ଣାଟକର ଧାରୱାଡଠାରେ ଅନୁଷ୍ଠିତ ଅଖିଳ ଭାରତୀୟ କାର୍ଯ୍ୟକାରୀ ମଣ୍ଡଳ ବୈଠକରେ ବଙ୍ଗଳାଦେଶରେ ହିନ୍ଦୁମାନଙ୍କ ଉପରେ ହେଉଥିବା ଆକ୍ରମଣକୁ ନେଇ ଏକ ପ୍ରସ୍ତାବ ଅନୁମୋଦିତ ହୋଇଛି । ମିଥ୍ୟା ଖବର ଆଧାରରେ ଆକ୍ରମଣ ତଥା ସାମ୍ପ୍ରଦାୟିକ ଉନ୍ମାଦନା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପବିତ୍ର ଦୁର୍ଗାପୂଜା ପର୍ବ ସମୟରେ ଆରମ୍ଭ ହୋଇଥିବା ସାଂପ୍ରଦାୟିକ ହିଂସାରେ ଅନେକ ନିରପରାଧୀ ହିନ୍ଦୁମାନଙ୍କର ହତ୍ୟା କରାଯାଇଛି, ଶହଶହ ଲୋକ କ୍ଷତବିକ୍ଷତ ହୋଇଛନ୍ତି ଓ ହଜାର ହଜାର ପରିବାର ବାସହରା ହୋଇଛନ୍ତି । ଗତ ଦୁଇ ସପ୍ତାହ ମଧ୍ୟରେ ହିନ୍ଦୁ ସମାଜର ଅନେକ ମା ଉଉଣୀ ଅତ୍ୟାଚାରର ଶିକାର ହୋଇଛନ୍ତି ତଥା ମନ୍ଦିର ଓ ପୂଜା ପେଣ୍ଡାଲଗୁଡିକ ମଧ୍ୟ ଧ୍ୱଂସ କରାଯାଇଛି । ସଂଖ୍ୟାଲଘୁ ହିନ୍ଦୁ ସମାଜ ଉପରେ ହେଉଥିବା ବାରମ୍ବାର ଆକ୍ରମଣର ପ୍ରକୃତ ଉଦ୍ଦେଶ୍ୟ ହେଉଛି ବଙ୍ଗଳାଦେଶରେ ହିନ୍ଦୁ ସମାଜର ସଂପୂର୍ଣ୍ଣ ବିନାଶ, ଯାହାର ପରିଣାମ ସ୍ୱରୂପ ଭାରତ ବିଭାଜନ ସମୟରୁ ହିନ୍ଦୁ ସମାଜର ଜନସଂଖ୍ୟା କ୍ରମାଗତ ଭାବେ ହ୍ରାସ ପାଉଛି । ବିଭାଜନ ସମୟରେ ପୂର୍ବବଙ୍ଗରେ ହିନ୍ଦୁମାନଙ୍କର ଜନସଂଖ୍ୟା ପ୍ରାୟ ଅଠେଇଶ ପ୍ରତିଶତ ଥିଲା, ଯାହା ବର୍ତମାନ ପ୍ରାୟ ଆଠ ପ୍ରତିଶତକୁ ଖସି ଆସିଛି । ବିଶେଷକରି ଏ ସମୟରେ ଜମାତ-ଏ-ଇସଲାମି (ବଙ୍ଗଳାଦେଶ) ଭଳି କଟ୍ଟରପନ୍ଥୀ ଇସଲାମିକ ଗୋଷ୍ଠୀ ଦ୍ୱାରା ଅତ୍ୟାଚାର ତଥା ୧୯୭୧ ମସିହାରେ ହୋଇଥିବା ଯୁଦ୍ଧ କାରଣରୁ ବହୁ ସଂଖ୍ୟାରେ ହିନ୍ଦୁ ସମାଜ ଭାରତକୁ ପଳାୟନ କରିଥିଲେ । ଏହି ଘଟଣା ଉପରେ ତଥାକଥିତ ମାନବାଧିକାର ସଂଗଠନ ତଥା ଜାତିସଂଘ ସମ୍ପର୍କିତ ସଂସ୍ଥାଗୁଡିକର ସଂପୂର୍ଣ୍ଣ ନିରବତା ଉପରେ ମଧ୍ୟ ସଂଘ ଚିନ୍ତାବ୍ୟକ୍ତ କରିଛି । କାର୍ଯ୍ୟକାରୀ ମଣ୍ଡଳ ଅନ୍ତର୍ରାଷ୍ଟ୍ରୀୟ ସମୁଦାୟଙ୍କୁ ଆହ୍ୱାନ କରୁଛି ଯେ, ସେମାନେ ଏହି ହିଂସା ଘଟଣାର ନିନ୍ଦା କରିବା ପାଇଁ ଆଗେଇ ଆସନ୍ତୁ ତଥା ବଙ୍ଗଳାଦେଶରେ ବସବାସ କରୁଥିବା ହିନ୍ଦୁ, ବୌଦ୍ଧ ଓ ଅନ୍ୟ ଅଳ୍ପସଂଖ୍ୟକ ସମାଜଙ୍କ ସପକ୍ଷରେ ନିଜର ସ୍ୱର ଉତୋଳନ କରନ୍ତୁ । ପାରିତ ପ୍ରସ୍ତାବରେ ହିଂସା ପୀଡିତଙ୍କ ପରିବାରକୁ ସାହାଯ୍ୟ କରିଥିବାରୁ ଇସ୍କନ, ରାମକୃଷ୍ଣ ମିଶନ, ଭାରତ ସେବଶ୍ରମ ସଂଘ, ବିଶ୍ୱହିନ୍ଦୁ ପରିଷଦ ଏବଂ ଅନେକ ହିନ୍ଦୁ ସଂଗଠନ ଗୁଡିକ ପ୍ରଶଂସା କରାଯାଇଛି । କାର୍ଯ୍ୟକାରୀ ମଣ୍ଡଳ ଭାରତ ସରକାରଙ୍କୁ ଅନୁରୋଧ କରିଛି ଯେ, ସମସ୍ତ କୂଟନୈତିକ ମାଧ୍ୟମ ପ୍ରୟୋଗକରି ବଙ୍ଗଳା ଦେଶରେ ହେଉଥିବା ଆକ୍ରମଣ ତଥା ମାନବାଧିକାର ଉଲଙ୍ଘନ ବିଷୟରେ ସାରା ବିଶ୍ୱରେ ବସବାସ କରୁଥିବା ହିନ୍ଦୁ ସମାଜ ଏବଂ ସଂସ୍ଥାଗୁଡିକର ଭାବନାକୁ ଦୃଷ୍ଟିରେ ରଖି ଏସମ୍ପର୍କରେ ବଙ୍ଗଳାଦେଶ ସରକାରଙ୍କୁ ଅବଗତ କରାନ୍ତୁ, ଯାହାଫଳରେ ହିନ୍ଦୁ ଓ ବୌଦ୍ଧମାନଙ୍କ ସୁରକ୍ଷା ସୁନିଶ୍ଚିତ ହୋଇପାରିବ । କରୋନା କଟକଣା ଉଠିବା ପରେ ବର୍ତମାନ ଦେଶରେ ୫୪,୩୮୨ଟି ସଂଘ ଶାଖା ଲାଗୁଅଛି । ଓଡିଶାରେ ମଧ୍ୟ ୧୩୦୨ଟି ଶାଖା ଲାଗୁଅଛି । ନିତ୍ୟକାର୍ଯ୍ୟ ବ୍ୟତୀତ ଗ୍ରାମ ବିକାଶ, ଜୈବିକ କୃଷି, ପରିବାର ପ୍ରବୋଧନ, ଗୋ ସେବା, ପର୍ଯ୍ୟାବରଣ ସୁରକ୍ଷା ଏବଂ ସାମାଜିକ ସମରସତା ଆଦି ଗତିବିଧି ଚାଲୁଅଛି । ୨୦୨୫ ମସିହା ବେଳକୁ ସଂଘ ୧୦୦ ବର୍ଷରେ ପଦାର୍ପଣ କରିବ । ସେଥିପାଇଁ ସଂଘର ବିସ୍ତାର ଲାଗି ୨ ବର୍ଷ ସମୟ ଦେବାପାଇଁ କାର୍ଯ୍ୟକର୍ତା ମାନଙ୍କୁ ଆହ୍ୱାନ କରାଯାଇଛି । ସ୍ୱାଧୀନତାର ଅମୃତ ମହୋତ୍ସବ (୭୫ବର୍ଷ ପୂର୍ତି) କାରଣରୁ ଏହି ଆନ୍ଦୋଳନକୁ ସଫଳ କରିଥିବା ଅନାଲୋଚିତ କ୍ରାନ୍ତିକାରୀମାନଙ୍କର ବିଷୟ ସମାଜ ସମ୍ମୁଖକୁ ଅଣାଯିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି । ଏହି ବର୍ଷ ଶିଖ୍ ନବମ ଗୁରୁ ତେଗବାହାଦୂରଙ୍କ ୪୦୦ତମ ଜନ୍ମ ବାର୍ଷିକୀ ପଡୁଥିବା କାରଣରୁ ଦେଶ ଓ ସଂସ୍କୃତିର ସୁରକ୍ଷା ପାଇଁ ତାଙ୍କର ବଳିଦାନ ବିଷୟରେ ଜନଜାଗରଣ କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି ଘୋଷଣା କରାଯାଇଛି । କରୋନାର ସମ୍ଭାବ୍ୟ ତୃତୀୟ ଲହରର ମୁକାବିଲା ପାଇଁ ଗ୍ରାମ ଠାରୁ ଜିଲ୍ଲାସ୍ତର ପର୍ଯ୍ୟନ୍ତ ସ୍ୱୟଂସେବକ ମାନଙ୍କ ଦ୍ୱାରା କରୋନା ପ୍ରତିରୋଧ ଟିମ୍‌ମାନ ଗଠନ କରାଯାଇଛି । ଉଲ୍ଲେଖଯୋଗ୍ୟ ଯେ, କରୋନା ପ୍ରଥମ ଲହର ଓ ଦ୍ୱିତୀୟ ଲହର ସମୟରେ ସଂଘ ଓ ଉତ୍କଳ ବିପନ୍ନ ସହାୟତା ସମିତି ତରଫରୁ ସମସ୍ତ ବର୍ଗର କ୍ଷତିଗ୍ରସ୍ତ ମାନଙ୍କୁ ଆବଶ୍ୟକତା ଅନୁସାରେ ସହାୟତା ପ୍ରଦାନ କରାଯାଇଥିଲା ଏବଂ ରକ୍ତଦାନ କାର୍ଯ୍ୟକ୍ରମମାନ ଚାଲୁ ରହିଥିଲା । ଏହି ବୈଠକରେ ବରିଷ୍ଠ ସମାଜସେବୀ ସ୍ୱର୍ଗତ ଦେବେନ୍ଦ୍ର କୁମାର ମହାପାତ୍ର ଓ କୁମାର କୃଷ୍ଣ ଚନ୍ଦ୍ର ରାୟଙ୍କ ସମେତ ଓଡିଶା ତଥା ଦେଶର ସମସ୍ତ ଦିବଙ୍ଗତମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହ ଶୋକ ପ୍ରସ୍ତାବ ଗୃହିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଓଡିଶାର ୧୩ ଜଣ ସମେତ ସମଗ୍ର ଭାରତରୁ ୩୪୬ଜଣ କାର୍ଯ୍ୟକର୍ତା ଯୋଗ ଦେଇଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ କ୍ଷେତ୍ର କାର୍ଯ୍ୟବାହ ଶ୍ରୀ ଗୋପାଳ ପ୍ରସାଦ ମହାପାତ୍ର ଏବଂ ସହପ୍ରାନ୍ତ ପ୍ରଚାର ପ୍ରମୁଖ ଶ୍ରୀ ସୁମନ୍ତ କୁମାର ପଣ୍ଡା ମଧ୍ୟ ଉପସ୍ଥିତ ଥିଲେ ।

# ରାତ୍ର ଜଗୁଆଳୀ ଆଖିକୁ ଲଙ୍କାଗୁଣ୍ଡ ପକାଇଲା ଦୁର୍ବୃତ୍ତ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ କାଏମା ବଜାରରେ କାର୍ଯ୍ୟରତ ରାତ୍ର ଜଗୁଆଳୀ ଜୟରାମ ବାରିକଙ୍କ ଆଖିରେ ଲଙ୍କାଗୁଣ୍ଡ ପକାଇ ଦୁର୍ବୃତ୍ତ ସାଇକଲ ଛାଡି ଚମ୍ପଟ ମାରିଛି । ପରେ ଆସି ସାଇକଲ ମାଗିବାରୁ ଜୟରାମ ତାକୁ ଚିହ୍ନଟ କରିଛନ୍ତି । ଘଟଣା ସଂପର୍କରେ ବଡବଜାର ବ୍ୟବସାୟୀ ସଂଘ ପକ୍ଷରୁ ସଂପୃକ୍ତ ଅଭିଯୁକ୍ତ ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରାଯାଇଛି । ଅଭିଯୋଗ ପାଇ ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି । ପ୍ରକାଶ ଯେ, ବଡକାଏମା ପଞ୍ଚାୟତ ହାଟସାହି ଗ୍ରାମର ଜୟରାମ କାଏମା ବଜାରରେ ରାତ୍ର ଜଗୁଆଳୀ ଭାବେ କାର୍ଯ୍ୟ କରନ୍ତି । ସେ ବଜାରରେ କାର୍ଯ୍ୟରତ ଥିବା ସମୟରେ ରାତି ପ୍ରାୟ ୨ଟାରେ ଜଣେ ବ୍ୟକ୍ତି ମୁହଁରେ କଳା କପଡା ପକାଇ ସାଇକଲରେ ଯାଉଥିଲା । ଜୟରାମ ତାକୁ କିଏ ଏବଂ ଏତେ ରାତିରେ କୁଆଡେ ଯାଉଛ ବୋଲି ପଚାରିଥିଲେ । ସେ ଅଟକି ପ୍ରଶ୍ନର ଉତ୍ତର ଦେବା ବଦଳରେ ହଠାତ୍ କିଛି ଲଙ୍କାଗୁଣ୍ଡ ଜୟରାମଙ୍କ ଆଖିକୁ ଫିଙ୍ଗି ଖସି ଯାଉଥିଲା । ମାତ୍ର ଜୟରାମ ଉକ୍ତ ବ୍ୟକ୍ତିକୁ ଧରିବା ପାଇଁ ଉଦ୍ୟମ କରୁଥିବା ବେଳେ ସେ ସାଇକଲ ଛାଡି ଫେରାର୍ ହୋଇଯାଇଥିଲା । ଲଙ୍କାଗୁଣ୍ଡ ଆଖିରେ ପଡିବାରୁ ଜୟରାମ ଆହତ ହୋଇଥିଲେ । ଖବରପାଇ ପରିବାର ଲୋକେ ତାଙ୍କୁ ନେଇ ଜାରକାର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ । ପରେ ଏ ସଂପର୍କରେ ଜୟରାମ ବଜାର କମିଟିର ଦୃଷ୍ଟି ଆକର୍ଷଣ କରିବା ସହିତ ରଖିଥିବା ସାଇକଲକୁ ଜିମା ଦେଇଥିଲେ । ତେବେ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ଏହି ସାଇକଲ ତାଙ୍କର ଏବଂ ତାଙ୍କ ସାଇକଲ୍‌କୁ କିଏ ଚୋରି କରି ନେଇଛି ବୋଲି ଅଭିଯୋଗ କରି ସାଇକଲ ଦେବା ପାଇଁ କହିଥିଲେ । ପରେ ଏନେଇ ବଜାର କମିଟି ପକ୍ଷରୁ ଏକ ବୈଠକ ହୋଇଥିବା ବେଳେ ଘଟଣାର କୌଣସି ନିଷ୍କର୍ଷ ବାହାରି ପାରି ନଥିଲା । ଫଳରେ ବଡବଜାର କମିଟି ପକ୍ଷରୁ ଥାନାରେ ଏତଲା ଦିଆଯାଇଛି ।

# କନ୍ତିଆ ମଠରେ ଯୋଗୀବାବାଙ୍କ ତିରୋଧାନ ଦିବସ ପାଳିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସହର ଉପକଣ୍ଠ ଚକ୍ରୋଡା ପଞ୍ଚାୟତର ପ୍ରସିଦ୍ଧ କନ୍ତିଆ ମଠରେ ମହାନ ସାଧକ ମଧୁସୁଦନ ଦାସ(ମଧୁବାବା)ଙ୍କ ପଞ୍ଚମ ଦାୟାଦ ଯୋଗେନ୍ଦ୍ର ଦାସ(ଯୋଗୀବାବା)ଙ୍କ ୫୪ତମ ତିରୋଧାନ ଉତ୍ସବ ଚିରାଚରିତ ପ୍ରଥା ଏବଂ କୋଭିଡ ନିୟମ ଅନୁପାଳନ ପୂର୍ବକ ପାଳିତ ହୋଇଯାଇଛି । ମଠର ମହନ୍ତ ମହାରାଜ ସିଦ୍ଧାର୍ଥଶଙ୍କର ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଓଳାଶୁଣୀ ମଠର ମହନ୍ତ ରାମାନନ୍ଦ ଦାସ ଓ ନାଉପାଳ ମଠର ମହନ୍ତ ପରାଶର ଦାସଙ୍କ ସମେତ ରାଜ୍ୟର ପ୍ରତିଷ୍ଠିତ ସାଧୁସନ୍ଥମାନେ ମଧୁବାବା ଏବଂ ଯୋଗୀବାବାଙ୍କ ସମାଧିପୀଠରେ ଉପସ୍ଥିତ ରହି ପୂଜାର୍ଚ୍ଚନା ଓ ସଂକୀର୍ତ୍ତନ କରିଥିଲେ । ଏହି ଅବସରରେ ସଂଗୀତ ନିର୍ଦ୍ଦେଶକ ସତ୍ୟପ୍ରିୟ ଦାସଙ୍କ ସଂଯୋଜନା ଓ ମହନ୍ତ ପରାଶର ଦାସଙ୍କ ପରିଚାଳନାରେ ଏକ ମନୋଜ୍ଞ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଆକାଶବାଣୀର ସ୍ୱିକୃତିପ୍ରାପ୍ତ କଣ୍ଠଶିଳ୍ପୀ ରାଜେନ୍ଦ୍ର ସ୍ୱାଇଁ, ରଞ୍ଜନ ବେହୁରା, ବସନ୍ତ ପତି, ପ୍ରଭାତୀ ମହାନ୍ତି, କୁମକୁମ ପାତ୍ର, ପ୍ରଭାକର ସାହୁ ପ୍ରମୁଖ ଶିଳ୍ପୀମାନେ ଯୋଗଦେଇ ମଧୁବାବାଙ୍କ ସ୍ୱରଚିତ ସଂଗୀତ ଗାନ କରିଥିଲେ । ବାଦ୍ୟଯନ୍ତ୍ରରେ ଗୌରାଙ୍ଗ ଜେନା, ପ୍ରଦ୍ୟୁମ୍ନ ଜେନା, ଶ୍ରୀନାଥ, ଇନ୍ଦ୍ରମଣୀ ପଣ୍ଡା ପ୍ରମୁଖ ସହାୟତା କରିଥିଲେ । ଗିତୀକାର ସୁବାଷ ପାତ୍ର, ପୂର୍ବତନ ବିଧାୟିକା ଡଃ. ସିପ୍ରା ମଲ୍ଲିକ, ବ୍ଲକ ଅଧ୍ୟକ୍ଷ ଶିବ ପ୍ରସାଦ ଭଳ, ସରପଞ୍ଚ ବସନ୍ତ କୁମାର ରାଉତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି, ସମିତିସଭ୍ୟ ଶିବ ପ୍ରସାଦ ବିଶ୍ୱାଳ, ବରିଷ୍ଠ କଂଗ୍ରେସ ନେତା ଫକିର ଚରଣ ଖଟୁଆ, ସରକାରୀ ଓକିଲ ସଞ୍ଜୟ ଜେନା, ଭରତପୁର ସମିତି ସଭ୍ୟ ହେମନ୍ତ ବିଶ୍ୱାଳ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏହି ଉତ୍ସବରେ ଯୋଗଦେଇଥିଲେ ।

# ସଂଚୟ ପକ୍ଷ ପାଳନ ଅବସରରେ ସଂଚୟ ରଥର ଶୁଭାରମ୍ଭ



ବାଲେଶ୍ୱର (ପିଏନ୍)-ସଂଚୟ ପକ୍ଷ ପାଳନ ଅବସରରେ ବାଲେଶ୍ୱର ଜିଲ୍ଲା ସ୍ୱଳ୍ପ ସଂଚୟ ବିଭାଗ ଆନୁକୂଲ୍ୟରେ ଏକ ସଂଚୟ ରଥ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ବିଭିନ୍ନ ଅଂଚଳ ପରିକ୍ରମା କରିବା ସହିତ ଜନସାଧାରଣଙ୍କ ମଧ୍ୟରେ ସଚେତନତାର ବାର୍ତା ପହଂଚାଇଛି । ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀ ଭବେଶ କୁମାର ନାୟକ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଅଯଥା ଖର୍ଚ୍ଚରୁ ନିଜକୁ ଦୂରେଇ ରଖି ମିତବ୍ୟୟୀ ହେବା ଏବଂ ସଂଚୟକୁ ଏକ ଅଭ୍ୟାସରେ ପରିଣତ କରିବାକୁ ସେ ପରାମର୍ଶ ଦେଇଥିଲେ । ଏହା ଦ୍ୱାରା ବ୍ୟକ୍ତିର ଆର୍ଥିକ ନିରାପତା ସୁଦୃଢ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ । ଜିଲ୍ଲା ସ୍ୱଳ୍ପ ସଂଚୟ ଅଧିକାରୀ ପ୍ରଜ୍ଞା ମିଶ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ସ୍ୱଳ୍ପ ସଂଚୟ ଯୋଜନା ଗୁଡିକ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟ ସମ୍ପାଦିତ ହୋଇଥିଲା । ସଚେତନତା ରଥର ଉଦଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ମଙ୍ଗଳ ଅଧିକାରୀ ବିଶ୍ୱଦର୍ଶୀ ସାହୁ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁ, ସ୍ୱଳ୍ପ ସଂଚୟ ଅଭିକର୍ତାଗଣ, ସ୍ୱଳ୍ପ ସଂଚୟ ବିଭାଗର ସ୍ୱର୍ଣ୍ଣପ୍ରିୟା ଦାସ ଓ ବାସୁଦେବ କର ପ୍ରମୁଖ ଉପସ୍ଥିତ ଥିଲେ । ସଂଚୟର ଗୁରୁତ୍ୱ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଏବଂ ମିତବ୍ୟୟୀ ହେବା ପାଇଁ ସେମାନଙ୍କୁ ପ୍ରବର୍ତାଇବା ଉଦ୍ଦେଶ୍ୟରେ ଏହି ରଥ ବାହାରିଥିବା ବେଳେ ଏହି ରଥ ସହର ସନ୍ନିକଟ କୁରୁଡା, ନେତି, ପାଟଣା ଇତ୍ୟାଦି ଗ୍ରାମ ସହ ସମଲପୁର, ଶୋଭାରାମପୁର, ଅଙ୍ଗାରଗାଡିଆ ଇତ୍ୟାଦି ଅଂଚଳ ପରିକ୍ରମା କରିଥିଲା । ଏହି ଅବସରରେ ସ୍ୱଳ୍ପ ସଂଚୟ ଯୋଜନା ସମ୍ପର୍କିତ ପ୍ରଚାରପତ୍ର ଲୋକମାନଙ୍କ ମଧ୍ୟରେ ବଂଟନ କରାଯାଇଥିଲା ।

# ମହାତ୍ମା ଗାନ୍ଧିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ କୋତପୁର ପଞ୍ଚାୟତ ଭଗବାନପୁର ୟୁଜିଏମ୍‌ଇ ସ୍କୁଲ ପରିସରରେ ନିର୍ମିତ ମହାତ୍ମା ଗାନ୍ଧିଙ୍କ ପ୍ରତିମୂର୍ତ୍ତିକୁ ଯାଜପୁର ଜିଲ୍ଲା ବିଜେଡି ସାଧାରଣ ସଂପାଦକ ଅମିୟ କୁମାର ପରିଡା ଉନ୍ମୋଚନ କରିଛନ୍ତି । ପ୍ରଧାନଶିକ୍ଷକ ବିଭୁତି ଭୂଷଣ ପାଲ ରାମଧୁନ୍ ଗାନ କରିଥିଲେ । ଶିକ୍ଷାବିତ୍ ନିର୍ମଳ ଚନ୍ଦ୍ର ରାୟ, କ୍ରୀଡା ଶିକ୍ଷକ ଅମୂଲ୍ୟ ସାମଲ, ଯୁବ ସଂଗଠକ ଶୁଭ୍ରଜିତ ସାମଲ ଓ ମାନସ ସାମଲ ଯୋଗ ଦେଇଥିଲେ ।

# ଆଗାମୀ ପଞ୍ଚାୟତ ନିର୍ବାଚନ ନିମନ୍ତେ ଯାଜପୁର ବ୍ଲକ୍ କଂଗ୍ରେସର ପ୍ରସ୍ତୁତି ବୈଠକ



ଯାଜପୁର (ପିଏନ୍)- ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନିମନ୍ତେ ଯାଜପୁର ବ୍ଲକ୍ କଂଗ୍ରେସର ଏକ ପ୍ରସ୍ତୁତି ବୈଠକ ବ୍ଲକ୍ କଂଗ୍ରେସ ସଭାପତି ଗଦାଧର ଦାସଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଯାଜପୁର ବ୍ଲକ୍‌ର ୨୬ ଗୋଟି ପଞ୍ଚାୟତ, ୪ ଗୋଟି ଜିଲ୍ଲା ପରିଷଦ, ୱାର୍ଡ ସଭ୍ୟ/ସଭ୍ୟା ନିମନ୍ତେ ବିଧିବଦ୍ଧ ସରକାରୀ ବିଜ୍ଞପ୍ତି ତଥା ବିଭିନ୍ନ ବର୍ଗ ନିମନ୍ତେ ସଂରକ୍ଷଣ ବିଷୟରେ ବୈଠକରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ଜିଲ୍ଲା କଂଗ୍ରେସର ବହୁ ବରିଷ୍ଠ ନେତାଙ୍କ ଗହଣରେ ନୂତନଭାବେ ଅନୁସୂୟା ବିଶ୍ୱାଳ, ଅନାଦି ମିଶ୍ର, ଶୁକଦେବ ବେହେରା ପ୍ରମୁଖ ନୂତନଭାବେ ଦଳରେ ଯୋଗଦେଇଥିଲେ । ବରିଷ୍ଠ କଂଗ୍ରେସ ନେତା ରଘୁନାଥ ମାଝୀ, ଜିଲ୍ଲା ଆଇଏନଟିୟୁସିର ସଭାପତିଭାବେ ମନୋନୀତ ହୋଇଥିବାରୁ ତାଙ୍କ ସହିତ ସମସ୍ତ ନୂତନ ସଭ୍ୟମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ତଥା ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟଗୁଡ଼ିକର ଦୈନନ୍ଦିନ ମୂଲ୍ୟବୃଦ୍ଧି, ଦେଶ ଓ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତିରେ ଚରମ ଅଧୋଗତି, ନାରୀ ନିର୍ଯ୍ୟାତନା, ହତ୍ୟା, ଦୁଷ୍କର୍ମ, ଚିଟ୍‌ଫଣ୍ଡ ଦୁର୍ନୀତି, ସ୍ମିତାରାଣୀ, ମମିତା, ବେବିନା, ଇତିଶ୍ରୀ ହତ୍ୟା ମାମଲାକୁ ସରକାର ଚାପିଦେବା, ପିଣ୍ଟୁ ଓ ପରୀ ନିଖୋଜ ସମ୍ପର୍କରେ ସରକାରଙ୍କ ଅପାରଗତା, କୋଭିଡ୍ ଚିକିତ୍ସା ଓ ମାସ୍କ କିଣା ନାମରେ କୋଟି କୋଟି ଟଙ୍କାର ଦୁର୍ନୀତି, ଦଳୀୟଭିତ୍ତିରେ ପିଏମଏୱାଇ, ଗାଁ ଗହଳିରେ ବିଦ୍ୟୁତ କର୍ମଚାରୀଙ୍କ ଜୁଲମ, ସମବାୟ ଓ କୃଷିସେବା ସମବାୟ ସମିତି ତଥା ବ୍ୟାଙ୍କରେ ହଜାର ହଜାର କୋଟି ଟଙ୍କାର ଘୋଟାଲା, ସରକାରଙ୍କ ବିଭିନ୍ନ ବିଭାଗ ତଥା ଯାଜପୁର ବ୍ଲକ୍‌ରେ କୋଟି କୋଟି ଟଙ୍କାର ଦୁର୍ନୀତିକୁ ଆଗାମୀ ପଞ୍ଚାୟତ ନିର୍ବାଚନରେ ମୁଖ୍ୟ ପ୍ରସଙ୍ଗ କରାଯାଇ ନିର୍ବାଚନ ରଣନୀତି ପ୍ରସ୍ତୁତ କରାଯିବ ବୋଲି ଆଲୋଚନା କରାଯାଇଥିଲା । ବରିଷ୍ଠ କଂଗ୍ରେସ ନେତା ଦିଗମ୍ବର କର, ଯାଜପୁର ବିଧାନସଭା କଂଗ୍ରେସ ପ୍ରାର୍ଥୀ ତଥା ପିସିସି ସମ୍ପାଦକ ସନ୍ତୋଷ କୁମାର ନନ୍ଦ, ପ୍ରାକ୍ତନ ସାଂସଦ ଅଞ୍ଚଳ ଦାସ, ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ବିଷ୍ଣୁଚରଣ ରାଉତ, କାର୍ଯ୍ୟକାରୀ ସଭାପତି ବଳଭଦ୍ର ଦାସ, ଆଦିତ୍ୟ ମହାନ୍ତି, ବୃନ୍ଦାବନ ଦାଶ, କପିଳେଶ୍ୱର ଦଳାଇ, ବିଭୂତି ମହାପାତ୍ର, ଭାସ୍କର ଚନ୍ଦ୍ର ମହାନ୍ତି, ହୃଷିକେଶ ପତି, ସଂଗ୍ରାମ ଜେନା, ବିକାସ ରାଉତରାୟ, ସରପଞ୍ଚ ଗଣେଶ୍ୱର ଦାସ, ଦୁର୍ଯ୍ୟୋଧନ ବେହେରା, ରଞ୍ଜିତା ରାଉତ, ସୁଦୀପ କୁମାର କର, ରାହାସ ବିହାରୀ ଦାସ, ପୂର୍ବତନ ବ୍ଲକ୍ କଂଗ୍ରେସ ଅଧ୍ୟକ୍ଷ ନବକିଶୋର ନାୟକ, ପ୍ରଶାନ୍ତ ସାହୁ, ଜଗବନ୍ଧୁ ଜେନା, ରମାକାନ୍ତ ସେଠୀ, ରବିନାରାୟଣ ସ୍ୱାଇଁ, ଅଜିଜ୍ ଖାଁ, ଭରତ ସାହୁ, ସେକ୍ ୱାହିଦ୍ ଖାଁ, ନକୁଳଦେବ ସାହୁ, ଭରତ ସାମଲ, ଅଜିଜୁଲ୍ଲା ଖାଁ, ଅର୍ଣ୍ଣବ ମିଶ୍ର, ଘନଶ୍ୟାମ ମହାପାତ୍ର, ପରିମଳ ବିଶ୍ୱାଳ, ନିରଞ୍ଜନ ବିଶ୍ୱାଳ, ପ୍ରସନ୍ନଜିତ ଦାସ, ସନ୍ତୋଷ ରାଉତ, ରମେଶ ସେନାପତି, ସଞ୍ଜୀବ ଦାଶ, ପ୍ରଦୀପ ଯେନା, ସୁଧାକର ଯେନା, ଅଭିମନ୍ୟୁ ମାଝୀ, ଯତୀନ ସେନାପତି, ଚନ୍ଦ୍ରମଣି ମହାନ୍ତି, ବିଜୟ ମହାପାତ୍ର, ରବୀନ୍ଦ୍ର ସାମଲ, ନୀଳମଣି ସାହୁ, ସୁରେନ୍ଦ୍ର ମହାପାତ୍ର, ଶରତ ନାୟକ, ପଞ୍ଚାନନ ସାହୁ, ବିଦ୍ୟାଧର ସେନାପତି, ବସନ୍ତ ଯେନା, ସେକ୍ ହଲିମ୍ ପ୍ରମୁଖ ବୈଠକରେ ଯୋଗଦେଇଥିଲେ । ଜିଲ୍ଲା କଂଗ୍ରେସ ଉପସଭାପତି ରତିକାନ୍ତ ପ୍ରଧାନଙ୍କ ଆକସ୍ମିକ ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହ ଶୋକବ୍ୟକ୍ତ କରାଯାଇଥିଲା । ଗତ ନଭେମ୍ବର ପହିଲାରୁ ଆରମ୍ଭ ହୋଇଥିବା ଭୋଟର ତାଲିକା ସଂଶୋଧନ ନିମନ୍ତେ ସମସ୍ତ ପଞ୍ଚାୟତର ସଭାପତିମାନଙ୍କୁ ଉପଯୁକ୍ତ ଧ୍ୟାନ ଦେବାକୁ ଅନୁରୋଧ କରାଯାଇଥିଲା । ଶେଷରେ ବ୍ଲକ୍ କଂଗ୍ରେସ ଉପସଭାପତି ଅଶୋକ କୁମାର ଦାସ ଧନ୍ୟବାଦ ଦେଇଥିଲେ ।

# ଓଡିଶା କନିଷ୍ଠ ଶିକ୍ଷକ ସଙ୍ଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡ଼ା (ପିଏନ୍): ଓଡିଶା କନିଷ୍ଠ ଶିକ୍ଷକ ସଙ୍ଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ କନିଷ୍ଠ ଶିକ୍ଷକମାନଙ୍କ ପାରିତୋଷିକ ବୃଦ୍ଧି ଓ ସେମାନଙ୍କୁ ୨୦୧୩ ଚୁକ୍ତିଭିତିକ ନିୟମରେ ଅର୍ନ୍ତଭୁକ୍ତ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ସମାଜକୁ ସଠିକ ମାର୍ଗଦର୍ଶନ ଦେବା ନିମନ୍ତେ ସେମାନେ ଶିକ୍ଷକତା ବୃତିକୁ ଗୁରୁଦାୟିତ୍ୱ ରୂପେ ଗ୍ରହଣ କରିଥିବା ବେଳେ ବ୍ୟକ୍ତିବିଶେଷ ଓ ସରକାରୀ କଳ ଦ୍ୱାରା ସେମାନେ ନିର୍ଯ୍ୟାତିତ ଓ ଅବହେଳିତ ହୋଇଆସୁଛନ୍ତି । ସମଗ୍ର ଶିକ୍ଷା ଅଧିନରେ ପ୍ରଥମରୁ +୨ ଶ୍ରେଣୀ ପର୍ଯ୍ୟନ୍ତ ଅର୍ନ୍ତଭୁକ୍ତ ହୋଇଥିବା ବେଳେ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବର୍ଗ ସର୍ବଦା ସମସ୍ତ ପ୍ରକାର ସରକାରୀ ସୁବିଧା ସୁଯୋଗ ପାଉଥିବା ବେଳେ ପ୍ରାଥମିକ ବର୍ଗର କନିଷ୍ଠ ଶିକ୍ଷକମାନଙ୍କୁ ପରିତ୍ୟକ୍ତ ଅବସ୍ଥାରେ ଛାଡିଦିଆଯାଉଛି । ଶ୍ରମ ମନ୍ତ୍ରଣାଳୟର ସୁପାରିଶ ଅନୁଯାଇ ଜଣେ ଅଣକୁଶଳୀ ଶ୍ରମିକଙ୍କ ଠାରୁ ମଧ୍ୟ କମ ପାରିଶ୍ରମିକ ଅର୍ଥାତ ମାସକୁ ୬ହଜାର ୫୧୨ଟଙ୍କା କନିଷ୍ଠ ଶିକ୍ଷକ ଜଣଙ୍କ ପାଉଛନ୍ତି । ବଜାର ଦରଦାମ ବୃଦ୍ଧି ପାଉଥିବା ବେଳେ ଏହି ବର୍ଗ ଅତିକୁଶଳୀ ହୋଇ ମଧ୍ୟ ଦୈନିକ ୨୧୭ଟଙ୍କା ପାରିଶ୍ରମିକରେ ପରିବାର ପ୍ରତିପୋଷଣ କରିବା ଅସମ୍ଭବ ହୋଇପଡିଛି । କ୍ୟାବିନେଟ ବୈଠକର ନିଷ୍ପତ୍ତି ଅନୁଯାଇ ଚୁକ୍ତିଭିତିକ କର୍ମଚାରୀମାନଙ୍କ ପାଇଁ ଚୁକ୍ତିଭିତିକ ନିଯୁକ୍ତି ଉଚ୍ଛେଦ ସହ ଓଡିଶା ବର୍ଗ-ଗ (ଚୁକ୍ତିନାମା ନିୟମ ୨୦୧୩)ର ସଂଶୋଧନ କରାଯାଇ ବିଭିନ୍ନ ସ୍ତରର କର୍ମଚାରୀଙ୍କ ଦରମା ବୃଦ୍ଧି ସହିତ ଅନ୍ୟାନ୍ୟ ସୁବିଧା ସୁଯୋଗ ମିଳୁଥିବା ବେଳେ କନିଷ୍ଠ ଶିକ୍ଷକମାନଙ୍କୁ ଚୁକ୍ତିଭିତିକ ବୋଲି କୁହାଯାଉଥିବା ବେଳେ ସମସ୍ତ ସୁବିଧା ସୁଯୋଗରୁ ସେମାନେ ବାଦ ପଡିଥିବା ଅଭିଯୋଗ କରିଛନ୍ତି । ଏଣୁ କନିଷ୍ଠ ଶିକ୍ଷକମାନଙ୍କୁ ଓଡିଶା ବର୍ଗ -ଗ(ଚୁକ୍ତିନାମା ନିୟମ ୨୦୧୩)ରେ ସାମିଲ କରାଯାଇ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବା ସହିତ ସେମାନଙ୍କୁ ସର୍ବନିମ୍ନ ମାସିକ ୧୬ ହଜାର ଟଙ୍କା ଦରମା ଗତ ୨୦୧୬ ମସିହା ଠାରୁ ପ୍ରଦାନ କରାଯିବାକୁ ସଙ୍ଘ ପକ୍ଷରୁ ଦାବି କରାଯାଇଛି । ଦାବି ପୁରଣ ନହେଲେ କନିଷ୍ଠ ଶିକ୍ଷକମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସଙ୍ଘ ପକ୍ଷରୁ ଚେତାବନୀ ଦିଆଯାଇଛି । ଦାବିପତ୍ର ପ୍ରଦାନ ସମୟରେ ସଙ୍ଘ ପକ୍ଷରୁ ଉମେଶ ଚନ୍ଦ୍ର ସାହୁ, ଅମର ଜତି, ରୁଦ୍ର ନାରାୟଣ ସେଠୀ, ବିକ୍ରମ କେଶରୀ ସାହୁ, ଶିବ ପ୍ରସାଦ ବେହେରା, ହରିପ୍ରୀୟା ରାଉତ, ରାଜଲକ୍ଷ୍ମୀ ବେହେରା, ସ୍ମିତାରେଖା ଦାସ, ଶ୍ରୀତିପ୍ରୀୟା ଜେନା, ଶୁଭସ୍ମିତା ମିଶ୍ର, ପୂଜାରାଣୀ ବେଉରା, ତସନିମ ପରୱିନ, ସାଇ ଶୁଭସ୍ମିତା ରଥ, ହରପ୍ରୀୟା ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।

# ମମିତା ମେହେର ହତ୍ୟା ପ୍ରସଙ୍ଗକୁ ଚପାଇଦେବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମ



ଭୁବନେଶ୍ୱର (ପିଏନ୍)-କଂଗ୍ରେସ ବିଧାୟକ ଦଳର ମୁଖ୍ୟ ସଚେତକ ତଥା କଂଗ୍ରେସ ମୁଖପାତ୍ର ତାରାପ୍ରସାଦ ବାହିନୀପତି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଅନିୟନ୍ତ୍ରିତ ଦରଦାମ ଏବଂ ମମିତା ମେହେର ହତ୍ୟା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତୀବ୍ର ସମାଲୋଚନା କରିଥିଲେ । ମମିତା ମେହର ହତ୍ୟାକାଣ୍ଡ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର କୁଚିଣ୍ଡା ଗସ୍ତକୁ କୁଚିଣ୍ଡା ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସ ଗଣତାନ୍ତ୍ରିକ ପ୍ରକ୍ରିୟାରେ ବିରୋଧ କରୁଥିବା ବେଳେ ବିଜେଡ଼ି ଗୁଣ୍ଡାମାନେ ପୋଲିସ ଉପସ୍ଥିତିରେ କୁଚିଣ୍ଡା ଯୁବ କଂଗ୍ରେସ ସଭାପତିଙ୍କୁ ଯେଉଁ ମରଣାନ୍ତକ ଆକ୍ରମଣ କଲେ ତାହାକୁ ଶ୍ରୀ ବାହିନୀପତି ତୀବ୍ର ନିନ୍ଦା କରିବା ସହ ଏ ରାଜ୍ୟର ଗଣତନ୍ତ୍ରର ହତ୍ୟା ହୋଇଛି ବୋଲି କହିଛନ୍ତି । ସେ କହିଥିଲେ ପୋଲିସ୍ ଡିଜିପି ଶ୍ରୀଯୁକ୍ତ ଅଭୟ ନିଜ ଦାୟିତ୍ୱ ନିର୍ବାହ କରିବାରେ ଅକ୍ଷମ । ଏଣୁ ସେ ଚାକିରୀରୁ ଇସ୍ତଫା ଦେଇ ତୁରନ୍ତ ବିଶ୍ରାମ ଗ୍ରହଣ କରନ୍ତୁ । ଜଣେ ପାଂଚଥର ମୁଖ୍ୟମନ୍ତ୍ରୀଙ୍କର ହୀନମନ୍ୟତାକୁ ଶ୍ରୀ ବାହିନୀପତି ତୀବ୍ର ନିନ୍ଦା କରିଥିଲେ । ନବୀନବାବୁଙ୍କର ''ମା'କୁ ସମ୍ମାନ'' ଆହ୍ୱାନ ଏକ ପ୍ରତାରଣା ବୋଲି ସେ କହିଥିଲେ । ଏ ରାଜ୍ୟରେ ଦିନକୁ ୭ଜଣ ମହିଳା ଦୁଷ୍କର୍ମର ଶିକାର ହେଉଥିବା ବେଳେ ବର୍ଷରେ ମାତ୍ର ଦୁଇଜଣଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହୋଇଛି । ନବୀନବାବୁ ଅପରାଧୀମାନଙ୍କୁ ପ୍ରୋତ୍ସାହନ ଦେଉଛନ୍ତି । ଦିବ୍ୟଶଙ୍କର ମିଶ୍ର ନବୀନବାବୁଙ୍କ ବାହୁଛାୟା ତଳେ ସୁରକ୍ଷିତ । ସେ ମମିତା ମେହେର ହତ୍ୟାକାଣ୍ଡ ପ୍ରସଙ୍ଗରେ ଦିବ୍ୟଶଙ୍କରଙ୍କର ବହିଷ୍କାର ଓ ଗିରଫ ଦାବି କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଇସ୍ତଫା ଦାବି କରିଛନ୍ତି । ମାନ୍ୟବର ହାଇକୋର୍ଟଙ୍କ ଦ୍ୱାରା ପରିଚାଳିତ ଏସଆଇଟି ତଦନ୍ତ ଘଟଣାର ଅନୁସନ୍ଧାନ କରୁ ବୋଲି ସେ କହିଛନ୍ତି । ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ପାପକୁ ଲୁଚାଇବା ପାଇଁ କେବଳ ମୁଖ୍ୟମନ୍ତ୍ରୀ ନୁହେଁ ଏବେ ବିଜେଡ଼ିର ଶିଖରୁ ନଖ ପର୍ଯ୍ୟନ୍ତ ସମସ୍ତେ ଅଂଟା ଭିଡ଼ିଛନ୍ତି । ମାତ୍ର କଂଗ୍ରେସ ଦଳ ଦୋଷୀକୁ ଦଣ୍ଡ ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବ । ନବୀନବାବୁ ତାଙ୍କ ଶାସନକାଳ ମଧ୍ୟରେ ବେବିନା ଠାରୁ ପରୀ ପର୍ଯ୍ୟନ୍ତ କାହାର ପରିବାରକୁ ନ୍ୟାୟ ଦେଇନାହାନ୍ତି । କାହାର ପରିବାରକୁ ଭେଟି ଦୁଃଖରେ ଭାଗିଦାର ହୋଇନାହାନ୍ତି । ବରଂ ଏହି ହତ୍ୟାକାଣ୍ଡମାନଙ୍କରେ ସଂପୃକ୍ତ ଥିବା ତାଙ୍କ ଦଳର ମନ୍ତ୍ରୀ, ବିଧାୟକ ଓ ନେତାମାନଙ୍କୁ ପ୍ରୋତ୍ସାହନ ଓ ସୁରକ୍ଷା ଦେଇଛନ୍ତି । ମମିତା ମେହେର ହତ୍ୟାକାଣ୍ଡ ପ୍ରସଙ୍ଗରେ ଏବେ ସାରା ରାଜ୍ୟ ଜଳୁଛି । ଏ ନିଆଁକୁ ନବୀନ ପଟ୍ଟନାୟକ ଲିଭେଇପାରିବେ ନାହିଁ । ଏଥିରେ ସେ ନିଜେ ଜଳିଯିବେ । ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ପ୍ରସଙ୍ଗରେ ମୋଦି ଓ ନବୀନ ସରକାରର ଅବସ୍ଥାର ସାଦୃଶ୍ୟ ରହିଛି । ଓଡ଼ିଶାର ଗୃହରାଜ୍ୟ ମନ୍ତ୍ରୀ ମମିତା ମେହେର ହତ୍ୟାକାଣ୍ଡରେ ଜଡ଼ିତ ଥିବାବେଳେ କେନ୍ଦ୍ରର ଗୃହ ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ର ଷଡ଼ଯନ୍ତ୍ର କରି ୪ଜଣ ଚାଷୀଙ୍କୁ ଗାଡ଼ି ଚଢ଼ାଇ ହତ୍ୟା କରିଛନ୍ତି । ଉଭୟ ମୋଦି ଓ ନବୀନ ଦେଶରେ ଓ ରାଜ୍ୟରେ ହିଟଲରୀ ଶାସନ ଚଳାଇଛନ୍ତି । ଏକ ପ୍ରଶ୍ନର ଉତର ଦେଇ ଶ୍ରୀ ବାହିନୀପତି କହିଥିଲେ ଯେ ବିଜେପି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯିବା ଏକ ହାସ୍ୟାସ୍ପଦ ଘଟଣା । କାରଣ ଓଡ଼ିଶାବାସୀ ଜାଣିଲେଣି ଯେ ମୋଦି ଓ ନବୀନ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ଆଜିର ଅନିୟନ୍ତ୍ରିତ ଦରଦାମ ପ୍ରସଙ୍ଗ ସଂପର୍କରେ ଶ୍ରୀ ବାହିନୀପତି କହିଛନ୍ତି ଯେ ଏହା ମୋଦି-ନବୀନ ସରକାରର ପ୍ରାୟୋଜିତ ପରିସ୍ଥିତି । ଦୁହେଁ ସାଧାରଣ ଜନତାର ରକ୍ତ ଶୋଷଣ କରୁଛନ୍ତି । ଲୋକେ ଦରଦାମ୍‌ର ଚାପରେ ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ଦୁଇ ସରକାର ଅତ୍ୟାବଶକୀୟ ସାମଗ୍ରୀ/ତୈଳ/ରନ୍ଧନ ଗ୍ୟାସର ଦର ଦିନକୁ ଦିନ ବୃଦ୍ଧି କରିଚାଲିଛନ୍ତି । ମନମୋହନ ସିଂ ସରକାରରେ ଅଶୋଧିତ ତୈଳଦର ଆନ୍ତର୍ଜାତିକ ବଜାରରେ ବ୍ୟାରେଲ ପିଛା ୧୧୦ ଡଲାର ଥିବା ବେଳେ ଭାରତରେ ପେଟ୍ରୋଲ ଦର ଲିଟର ପିଛା ୬୩ ଟଙ୍କା, ଡିଜେଲ ଦର ୫୨ ଟଙ୍କାରେ ମିଳୁଥିଲା ଏବଂ ରନ୍ଧନଗ୍ୟାସ ଟାଙ୍କି ପିଛା ୪୦୦ ଟଙ୍କାରେ ମିଳୁଥିଲା । ଏବେ ମୋଦି ସରକାର ଅମଳରେ ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳଦର ବ୍ୟାରେଲ ପିଛା ୩୫ରୁ ୮୦ ଡଲାର ମଧ୍ୟରେ ଥିବାବେଳ ପେଟ୍ରୋଲ ଓ ଡିଜେଲ ଦର ଲିଟର ପିଛା ୧୦୦ ଟଙ୍କା ପାର ହୋଇଥିବା ବେଳେ ରନ୍ଧନଗ୍ୟାସ ଟଙ୍କା ପିଛା ୧୦୦୦ ଟଙ୍କାରେ ପଂହଚିଛି । ଆଜି ଖାଇବା ତେଲ ଲିଟର ପିଛା ତିନିଗୁଣା ବଢ଼ି ୨୦୫ ଟଙ୍କା, ସେହିପରି ଭାବରେ ଅଟା, ଡାଲିଠାରୁ ଆରମ୍ଭ କରି ସମସ୍ତ ନିତ୍ୟବ୍ୟବହାର୍ଯ୍ୟ ଦର ଆଜି ଆକାଶଛୁଆଁ । ଏପରିକି ଘର ତିଆର ପାଇଁ ବ୍ୟବହୃତ ସାମଗ୍ରୀ ତଥା ସିମେଂଟ ଓ ରଡ଼ ଆଦିର ମୂଲ୍ୟ ଚାରିଗୁଣା ବଢ଼ିଯାଇଛି । ୨୦୧୪ ମସିହାରୁ ଏ ଅତ୍ୟାଚାରକୁ ସମର୍ଥନ କରିଆସୁଥିବା ନବୀନ ସରକାରର ନିଦ ଆଜି ହଠାତ ଭାଙ୍ଗିଯାଇଛି । ନିଜର ସ୍ଥିତି ବଂଚାଇବା ପାଇଁ ଏବଂ ପଂଚାୟତ ନିର୍ବାଚନ ପାଖେଇ ଆସୁଥିବାରୁ ତୈଳ/ରନ୍ଧନଗ୍ୟାସ/ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟ ଦର ବୃଦ୍ଧି ପ୍ରସଙ୍ଗରେ ବିଜେଡ଼ି ଦଳ ନାଟକବାଜି କରୁଛି । ନବୀନ ସରକାର ୨୨ ବର୍ଷ ଶାସନରେ ଓଡ଼ିଶାରେ ଅଧିକ ଶୀତଳ ଭଣ୍ଡାର କରିବାରେ ବିଫଳ ହୋଇଛନ୍ତି । ୧୨ଟି ଜିଲ୍ଲାରେ ଶୀତଳ ଭଣ୍ଡାର ନାହିଁ ଏବଂ ୮୩ଟି ଶୀତଳ ଭଣ୍ଡାର ଅକାମୀ ହୋଇପଡ଼ିଛି । ଯାହାଫଳରେ ବାଇଗଣଠାରୁ ବିଲାତିବାଇଗଣ ପର୍ଯ୍ୟନ୍ତ ସବୁ ପରିବାର କିଲୋପିଛା ଦର ୧୦୦ ଟଙ୍କାରେ ପହଂଚିଛି । ନବୀନ ସରକାରଙ୍କ ଆଳୁ ଓ ପିଆଜ ମିଶନ ଆଜି ବିଫଳ । ଏହା କେବଳ ଏକ ଧୂଆଁବାଣ ଥିଲା । ଆଗାମୀ ଦିନରେ ବିଶେଷ କରି ଦରଦାମ ଓ ଆଇନଶୃଙ୍ଖଳା ପ୍ରସଙ୍ଗ ଏବଂ ନିର୍ଦ୍ଦିଷ୍ଟ ଭାବେ ମମିତା ମେହେର ହତ୍ୟାକାଣ୍ଡ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନଆକ୍ରୋଶର ସମ୍ମୁଖୀନ ହେବେ ବୋଲି ଶ୍ରୀ ବାହିନୀପତି ଚେତାବନୀ ଦେଇଛନ୍ତି । ଗଣତନ୍ତ୍ରର ଚତୁର୍ଥସ୍ତମ୍ଭର କଣ୍ଠରୋଧ କରୁଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାମ୍ବାଦିକମାନଙ୍କର ସଚିବାଳୟ ପ୍ରବେଶ ନିଷେଧ କରିବା ଅଗଣତାନ୍ତ୍ରିକ ଅଟେ । ଓଡ଼ିଶା ଛଡ଼ା ଏଭଳି ଅବସ୍ଥା କେଉଁ ରାଜ୍ୟରେ ନାହିଁ । ସୁତରାଂ ନବୀନ ସରକାରର କଳଙ୍କିତ ଘଟଣା ପ୍ରବାହକୁ ଅତି ଶାଣିତ ଭାବରେ ସାଧାରଣ ଲୋକଙ୍କ ଦୃଷ୍ଟିକୁ ନେବାପାଇଁ ସେ ସାମ୍ବାଦିକମାନଙ୍କୁ ଅନୁରୋଧ କରିଥିଲେ ।




# ଜିଲ୍ଲା କେନ୍ଦୁପତ୍ର ତୋଳାଳୀ ଡିଭିଜନର କାର୍ଯ୍ୟକାରିଣୀ ବୈଠକ



କେନ୍ଦୁଝର,(ପି.ଏନ): ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ କେନ୍ଦୁଝର ଡିଭିଜନର କାର୍ଯ୍ୟକାରିଣୀ ବୈଠକ ବୁଧବାର ଦିନ ଜଗମୋହନପୁରସ୍ଥିତ ସିଙ୍କୁଳାବାହାଳଠାରେ ଅନୁଷ୍ଠିତ ହୋଇଯାଇଛି । ସଂଘର ବରିଷ୍ଠ ଉପଦେଷ୍ଟା ଶଙ୍କର୍ଷଣ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଓଡିଶା କେନ୍ଦୁପତ୍ର କର୍ମଚାରୀ ମହାସଂଘର ସଭାପତି ବିଜୟ ମହାନ୍ତି ଏବଂ ସମ୍ମାନୀତ ଅତିଥି ଭାବେ ରାଜ୍ୟ ସମ୍ପାଦକ ମହମ୍ମଦ ମୁର୍ତ୍ତୁଜା ମହମ୍ମଦ ଯୋଗ ଦେଇ କେନ୍ଦୁପତ୍ର ତୋଳାଳୀ, ଚେକର,ହେଡ ଚେକର, ସର୍କଲ ଚେକରମାନଙ୍କର ସାମାଜିକ ସୁରକ୍ଷା ବିଷୟରେ ଆଲୋକପାତ କରିଥିଲେ । ଏହି ସଂଘ ଅଧିନରେ ଥିବା କର୍ମଚାରୀଙ୍କ ପରିବାରବର୍ଗଙ୍କ ସାମାଜିକ ସୁରକ୍ଷା,ସ୍ୱାସ୍ଥ୍ୟ ବୀମା,ପେନସନ, ପିଲାମାନଙ୍କ ଶିକ୍ଷା ସହିତ ଝିଅ ମାନଙ୍କ ବିବାହ ଆଦି ସରକାରୀ ସୁବିଧା ଉପରେ ଆଲୋଚନା ହୋଇଥିଲା । ଜିଏସ୍‌ଟି ୧୮ ପ୍ରତିଶତ ଥିବାରୁ କେନ୍ଦୁପତ୍ର ବିକ୍ରୀ ରାଜ୍ୟରେ କମିଛି । ରାଜ୍ୟରେ ଥିବା ପିକୃତ କେନ୍ଦୁପତ୍ର କ୍ରେତା ଅଧିକ ଜିଏସ୍‌ଟି ଥିବାରୁ ଓଡିଶାରୁ କେନ୍ଦୁପତ୍ର କିଣୁ ନାହାଁନ୍ତି । ଫଳରେ ଏହାର ସିଧାସଳଖ ପ୍ରଭାବ କେନ୍ଦୁପତ୍ର ଶ୍ରମିକଙ୍କ ଉପରେ ପଡିଛି । ଜିଏସ୍‌ଟି ସ୍ଲାବ ହ୍ରାସ ପାଇଁ କେନ୍ଦ୍ର ସରକାର ତୁରନ୍ତ ପଦକ୍ଷେପ ନେବାକୁ ରାଜ୍ୟ ମହାସଂଘର ସଭାପତି ବିଜୟ ମହାନ୍ତି ଦାବୀ ଜଣାଇଥିଲେ । ଜିଏସ୍‌ଟି ସ୍ଲାବ ହ୍ରାସ ନିମନ୍ତେ କେନ୍ଦ୍ର ସରକାର ଉପରେ ଚାପ ସୃଷ୍ଟି କରିବା ପାଇଁ ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା । ଏତଦ୍ ବ୍ୟତୀତ ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ କେନ୍ଦୁଝର ଡିଭିଜନର ସାଧାରଣ ସମ୍ପାଦକ ପଦବୀରେ ଅବସ୍ଥାପିତ ଥିବା ରୋହିତ ଚନ୍ଦ୍ର ଚୌଧୁରୀଙ୍କ ମୃତ୍ୟୁପରେ ଦୀର୍ଘଦିନ ହେବ ଏହି ପଦବୀ ଖାଲି ପଡିଥିଲା । ଆଜି ସଂଘର ନିଷ୍ପତ୍ତିକ୍ରମେ ତାଙ୍କ ସୁପୁତ୍ର ବିଶିଷ୍ଟ ଶ୍ରମିକ ନେତା ସତ୍ୟ କୁମାର ଚୌଧୁରୀଙ୍କୁ ସର୍ବସମ୍ମତି କ୍ରମେ କେନ୍ଦୁଝର ଡିଭିଜନର ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା । ଯାହାକୁ ସମସ୍ତେ ସ୍ୱାଗତ କରିଥିଲେ । ଆଗାମୀ ଦିନରେ ସଂଘକୁ ଆହୁରି କ୍ରୀୟାଶୀଳ କରି ମଜଭୁତ କରିବା ପାଇଁ ଶ୍ରୀ ଚୌଧୁରୀ ପ୍ରତିଶୃତିବଦ୍ଧ ହୋଇଥିଲେ । କୋଷାଧକ୍ଷ ଭାବେ ମକରଧ୍ୱଜ ସାହୁ,ସହ ସମ୍ପାଦକ ଭାବେ ମୋହନ ଚରଣ ସାହୁ,ଶଙ୍କର୍ଷଣ ସାହୁ, ଅନନ୍ତ ନାଏକ, ଦିବ୍ୟସିଂ ଦେହୁରୀ,ଉପଦେଷ୍ଟା ଭାବେ ଶଙ୍କର୍ଷଣ ପରିଡା ମନୋନୀତ ହୋଇଥିଲେ । କାର୍ଯ୍ୟକାରିଣୀ ବୈଠକରେ କେନ୍ଦୁଝର କେନ୍ଦୁପତ୍ର ବନଖଣ୍ଡ ଅନ୍ତର୍ଗତ କାମାକ୍ଷାନଗର, ମହାବୀରରୋଡ, ପରଜଙ୍ଗ, ତେଲକୋଇ, ଆକୁଳ, ସଦର, ବାଙ୍ଗିରିପଶି ରେରେ କାର୍ଯ୍ୟରତ କେନ୍ଦୁପତ୍ର ତୋଳାଳୀ,ବନ୍ଧେଇ ଶ୍ରମିକ, ଚପରାଶି, ମୁନସୀ, ଚେକର, ହେଡ ଚେକର, ସର୍କଲ ଚେକରମାନେ ଯୋଗ ଦେଇଥିଲେ ।

## ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନଜଣାଇ ପାଣି ପାଇପ୍ କାଟିଲେ ଠିକାଦାର

ଆନନ୍ଦପୁର,(ପି.ଏନ): ସରକାର କୋଟି କୋଟି ଟଙ୍କା ଲୋକଙ୍କ ସୁବିଧା ସୁଯୋଗ ପାଇଁ ଖର୍ଚ୍ଚ କରୁଥିବା ବେଳେ କିଛି ନିଷ୍ଠାପର ଅସାଧୁ ବ୍ୟକ୍ତି ନିଜର ସୁବିଧା ପାଇଁ ନିମ୍ନମାନର କାମ କରି ଲୋକଙ୍କୁ ହଇରାଣ ହରକତ କରୁଥିବା ଦେଖିବାକୁ ମିଳିଛି । ଏଭଳି ଏକ ଘଟଣା ଘଟିଛି ଆନନ୍ଦପୁର ବ୍ଲକ ହରିଡାପାଳ ପଂଚାୟତ ଟୋଲଙ୍କପଡା ଗ୍ରାମରେ ଥିବା ଓଭରହେଡ୍ ପାଣି ଟାଙ୍କିକୁ କୁଶେଇ ନଦୀରୁ କନେକ୍ସନ ହୋଇଥଇବା ଜିଆଇ ପାଣି ପାଇପ୍ ଦୀର୍ଘଦିନ ଧରି ମାଟି ତଳେ ଅଚଳ ହୋଇ ଲାଗି ରହିଥିବା ଦେଖି ବହୁ ବର୍ଷ ପୂର୍ବରୁ କାମ କରୁଥିବା ଠିକାଦାର କୌଣସି ବିଭାଗୀୟ ଅଧିକାରୀଙ୍କୁ ନଜଣାଇ ଠିକାଦାର ପାଇପ୍ ଗୁଡିକୁ ଛୋଟ ଛୋଟ କରି କାଟିବାରେ ଲାଗିଛନ୍ତି । ଏ ସମ୍ପର୍କରେ ଆମେ ଖବର ପାଇ ଘଟଣା ସ୍ଥଳରେ ପହଂଚିବାରୁ ପାଇପ୍ କାଟୁଥିବା ଲୋକମାନେ ହଡବଡ ହୋଇ କୌଣସି ଉତ୍ତର ଦେଇନଥିଲେ । ଆମେ ଏ ସମ୍ପର୍କରେ ଫୋନ୍ ମାଧ୍ୟମରେ ବିଭାଗୀୟ ଜେଇ ଓ ଏସଡିଓଙ୍କୁ ପଚାରିବାରୁ ସେ ଏ ବିଷୟରେ କୌଣସି ସୂଚନା ପାଇନଥିବା ପ୍ରକାଶ କରିଥିଲେ ଏବଂ ଏଥିପ୍ରତି ସଠିକ୍ ତଦନ୍ତ କରି ପାଇପ୍ କାଟୁଥିବା ଠିକାଦାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଥିଲେ ।

# ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି । ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି । ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି । ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ । ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି । ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯନ୍ତ୍ର ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି । ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ । ଅନ୍ୟପକ୍ଷରେ ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଠକ୍ଷତ୍ପ;ରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ । ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ । ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି । ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି । ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯନ୍ତ୍ର ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ । ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି । ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡ୍‌ଗୁଡିକୁ ପଛରେ ପକାଇଦେବା ଆଶା କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି । ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି । ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ । ପ୍ୟାକେଟରେ ଆସୁଥବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି । ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ । ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି । ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି । ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା । ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି । ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ । ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ । ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ । କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି । ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି । ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି । ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ । ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ । ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି । ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ । ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି । ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ । ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି ।

## ଜଗନ-ନବୀନ ଆଲୋଚନା: କୋଟିଆ ପ୍ରସଙ୍ଗ ନଉଠିଲେ ବନ୍ଦ ପାଳିବୁ:ତାରା

ଭୁବନେଶ୍ୱର,(ପି.ଏନ): ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡି ଓ ଓଡିଶା ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତ ଆଲୋଚନାରେ କୋଟିଆ ପ୍ରସଙ୍ଗ ଉଠାଇବାକୁ କହିଛନ୍ତି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହୀନିପତି । ଆଲୋଚନାରେ ଯଦି କୋଟିଆ ପ୍ରସଙ୍ଗ ନଉଠେ ତାହେଲେ ଆମେ ବନ୍ଦ ପାଳିବୁ । କଂଗ୍ରେସ ଅବିଭକ୍ତ କୋରାପୁଟ ଜିଲ୍ଲା ବନ୍ଦ ଡାକରା ଦେବ ବୋଲି ସେ କହିଛନ୍ତି ।ଅପରପକ୍ଷରେ ଜଗନଙ୍କ ଗସ୍ତ ପୂର୍ବରୁ ଦୁଇ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କ ମଧ୍ୟରେ ଆଲୋଚନା ସରିଛି । ମୁଖ୍ୟ ଶାସନ ସଚିବଙ୍କ ମଧ୍ୟରେ କୋଟିଆ ପ୍ରସଙ୍ଗ ନେଇ ଆଲୋଚନା ହୋଇଛି କି ନାହିଁ, ସେନେଇ ସରକାର ସ୍ପଷ୍ଟିକରଣ ରଖନ୍ତୁ ବୋଲି ସେ ଦାବି କରିଛନ୍ତି । ସେ କହିଛନ୍ତି, ଆନ୍ଧ୍ର ଶାସନ ସଚିବ ଓ ଅଧିକାରୀଙ୍କ ସହ ଆଲୋଚନା ପାଇଁ ପୂର୍ବରୁ କହିଥିଲି । କେଉଁ ପ୍ରସଙ୍ଗରେ ଆଲୋଚନା ହେବ ଆନ୍ଧ୍ର ସେନେଇ ଏଜେଣ୍ଡା ଦେଇଛି । କିନ୍ତୁ ଓଡିଶା ସରକାର ଏଯାଏଁ ଏଜେଣ୍ଡା କଣ ରହିଛି ତାକୁ ସ୍ପଷ୍ଟ କରୁନାହାନ୍ତି । ଏଜେଣ୍ଡାରେ କୋଟିଆ ପ୍ରସଙ୍ଗ ଅଛି କି ନାହିଁ ଏବଂ କେଉଁ ପ୍ରସଙ୍ଗରେ ଆଲୋଚନା ହେବ ତୁରନ୍ତ ସ୍ପଷ୍ଟ କରନ୍ତୁ ସରକାର । ଅନେକ ଦିନ ହେବ କୋଟିଆ ସମସ୍ୟା ଚିଲିଛି । ଓଡିଶା ମାଟିରେ ପଶି ଆନ୍ଧ୍ର ତାର ମନମାନି ଚଲାଇଛି । ଆମ ଅଧିକାରୀଙ୍କୁ ଆନ୍ଧ୍ର ପ୍ରଶାସନ ବାରମ୍ବାର ଧମକ ଦେଉଛି । କୋଟିଆରେ ଆନ୍ଧ୍ର ଅଧିକାରୀ ଅଧିକ ସକ୍ରିୟ ହୋଇଛନ୍ତି । ତେଣୁ ଏହାକୁ ଗୁରୁତ୍ୱର ସହ ନେଇ ଆଲୋଚନା କରିବା ଜରୁରୀ ହୋଇପଡିଛି । ଦୟାକରି ମୁଖ୍ୟମନ୍ତ୍ରୀ ସଚେତନ ହୁଅନ୍ତୁ ବୋଲି ସେ କହିଛନ୍ତି ।

### ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନାକୁ ଉତ୍କଳ ସମ୍ମିଳନୀର ସ୍ୱାଗତ

ଭୁବନେଶ୍ୱର,(ପି.ଏନ): ଆଜି ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଆନ୍ଧ୍ର ପ୍ରଦେଶର ମୁଖ୍ୟମନ୍ତ୍ରୀ ୱାଇ ଏସ୍ ଜଗନ ମୋହନ ରେଡ୍ଡିଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଉଚ୍ଚସ୍ତରୀୟ ବୈଠକରେ କୋଟିଆ ସହିତ ସମସ୍ତ ସୀମା ସମସ୍ୟା, ଜଳ ସମସ୍ୟା ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ ପାଇଁ ହୋଇଥିବା ଐତିହ୍ୟ ବୈଠକକୁ ଉତ୍କଳ ସମ୍ମିଳନୀ ସ୍ୱାଗତ କରିଛି । ଏହି ବୈଠକ ସମ୍ପର୍କରେ ସମ୍ମିଳନୀ ପକ୍ଷରୁ ଏହାର ମଂଚେଶ୍ୱର ଶିଳ୍ପାଂଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତ ଯେ, ବିବାଦ ଗୁଡିକର ସମାଧାନ ପାଇଁ ଉଭୟ ରାଜ୍ୟର ବରିଷ୍ଠ ଅଧିକାରୀଙ୍କୁ ନେଇ ଗଠନ ହୋଇଥିବା ହାଇଲେବଲ କମିଟି ଗଠନ ହେବା ସୁଖର କଥା ମାତ୍ର ଏହି କମିଟି ତା'ର ନିଷ୍ପତି ନେବା ପର୍ଯ୍ୟନ୍ତ ଦୁଇ ରାଜ୍ୟ ପକ୍ଷରୁ ଅନ୍ୟ ରାଜ୍ୟର ସୀମା ଭିତରେ କୌଣସି ବିବାଦୀୟ ପଦକ୍ଷେପ ଗ୍ରହଣ କରିବେ ନାହିଁ ବୋଲି ଆଜିର ବୈଠକରେ ନିଷ୍ପତି ହେବା ଆବଶ୍ୟକ ଥିଲା ।

## କେଶରୀୟା ହିନ୍ଦୁ ବାହିନୀର ନୂତନ କର୍ମକର୍ତ୍ତା, ଟିଟନ ସାହୁ ସଭାପତି



ଖଣ୍ଡପଡା,(ପି.ଏନ): ସର୍ବଭାରତୀୟ ହିନ୍ଦୁ ସଂଗଠନ କେଶରୀୟା ହିନ୍ଦୁ ବାହିନୀ ଓଡିଶା ପ୍ରଦେଶର ନୂତନ କର୍ମକର୍ତା ଚୟନ ଇତି ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ସର୍ବ ସମ୍ମତି ପ୍ରସ୍ତାବ କ୍ରମେ ରାଜ୍ୟ ସଭାପତି ଭାବେ ଖଣ୍ଡପଡା ବ୍ଲକ ଅଧିନ ସିଧାମୂଳା ଗ୍ରାମର ଯୁବ ସମାଜସେବୀ ଟିଟନ ସାହୁ ମନୋନୀତ ହୋଇ ଦାୟିତ୍ୱ ଗ୍ରହଣ କରିଥିବା ଜଣାଯାଇଛି । ସେହିପରି ମହିଳା ମୋର୍ଚ୍ଚାର ସଭାନେତ୍ରୀ ଭାବେ ରଶ୍ମିମୟୀ ପଟ୍ଟନାୟକ ଓ ସାଧାରଣ ସଂପାଦକ ଭାବେ ରତ୍ନପ୍ରଭା ପଣ୍ଡାଙ୍କୁ ମନୋନୀତ କରାଯାଇଥିବା ମାର୍ଗଦର୍ଶକ ରବିନ୍ଦ୍ର ଶତପଥୀଙ୍କ ଠାରୁ ପ୍ରକାଶ । ନୂତନ କର୍ମକର୍ତାମାନଙ୍କୁ ସଂଗଠନର ସଦ୍ୟମାନେ ସ୍ୱାଗତ କରିବା ସହ ଶୁଭେଚ୍ଛା ଜଣାଇଥିଲେ । ହିନ୍ଦୁ ଧର୍ମର ପ୍ରସାର ସହ ସୁରକ୍ଷାକୁ ସଦା ସର୍ବଦା ପ୍ରାଥମିକତା ଦେଉଥିବା କେଶରୀୟା ହିନ୍ଦୁ ବାହିନୀର ଭବିଷ୍ୟତ କାର୍ଯ୍ୟପନ୍ଥା ସଂପର୍କରେ ସମସ୍ତ ସଦସ୍ୟ ପୁଙ୍ଖାନୁ ପୁଙ୍ଖ ଆଲୋଚନା କରିଥିଲେ ।

## ପୋଲିସ ଯାହାକୁ ବାନ୍ଧିବା କଥା, ସେ ମୁଖ୍ୟମନ୍ତ୍ରୀଙ୍କ ପାଖରେ ବସୁଛି : ସମୀର ମହାନ୍ତି

ଝାରସୁଗୁଡା/ଭୁବନେଶ୍ୱର, (ପି.ଏନ): ମୁଖ୍ୟମନ୍ତ୍ରୀଙ୍କ ସହ ଭବାନୀପାଟଣା ସଭାମଂଚରେ ଅଭିଯୁକ୍ତ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଏକାଠି ବସିବା ଦେଖି ସାଧାରଣ ଓଡ଼ିଆଙ୍କ ଭାବାବେଗକୁ ବଡ଼ ଆଘାତ ପହଁଚିଛି । ପୋଲିସ ଯାହାକୁ ବାନ୍ଧିବା କଥା, ସେ ମୁଖ୍ୟମନ୍ତ୍ରୀଙ୍କ ପାଖରେ ବସିଛି । ମମିତାକୁ ନ୍ୟାୟ ମିଳିବ କି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଶ୍ନ କରିଛନ୍ତି ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି । ଶ୍ରୀ ମହାନ୍ତି କହିଛନ୍ତି ଯେ ସାରା ଓଡ଼ିଶା ମମିତାର ନ୍ୟାୟ ପାଇଁ ଲଢୁଛି । ମମିତା ହତ୍ୟାକାଣ୍ଡରେ ସମ୍ପୃକ୍ତ ଦିବ୍ୟଶଙ୍କର ମିଶ୍ରଙ୍କୁ ସଭାସ୍ଥଳରେ ପାଖରେ ବସାଇ ମୁଖ୍ୟମନ୍ତ୍ରୀ କ'ଣ ବାର୍ତା ଦେବାକୁ ଚାହୁଁଛନ୍ତି ? ମୁଖ୍ୟମନ୍ତ୍ରୀ ଅଭିଯୁକ୍ତ ମନ୍ତ୍ରୀଙ୍କ ଉପରେ ଆଶୀର୍ବାଦର ହାତ ରଖି ଜନଆକ୍ରୋଶକୁ ପ୍ରଶମିତ କରିବା ପାଇଁ ଉଦ୍ୟମ କରିନାହାଁନ୍ତି କି ? ଅଞ୍ଜନା ମିଶ୍ର ମାମଲାରେ ଜାନକୀ ପଟ୍ଟନାୟକ ଠିକ୍ ଏହିକଥା ଭାବି ତତ୍କାଳୀନ ଆଡ଼ଭୋକେଟ ଜେନେରାଲ ଇନ୍ଦ୍ରଜିତ ରାୟଙ୍କର ସୁରକ୍ଷା କବଚ ହୋଇଥିଲେ । ସେତେବେଳେ ଇନ୍ଦ୍ରଜିତଙ୍କ ସୁରକ୍ଷା କବଚ ଜାନକୀ ଏବଂ ଏବେ ଦିବ୍ୟଶଙ୍କରଙ୍କ ସୁରକ୍ଷା କବଚ ନବୀନ । ଖୋଦ୍ ମୁଖ୍ୟମନ୍ତ୍ରୀ ଭବାନୀପାଟଣାକୁ ଯାଇଥିଲେ । ସେଠାରେ ଲୋକମାନଙ୍କ ସହ ମିଶିବା ତ ଦୂର କଥା ସିଧା ସିଧା ଭାଷଣ ଦେଲେ ନାହିଁ । ପୂର୍ବରୁ ପ୍ରସ୍ତୁତ କରିଥିବା ଭାଷଣ ଭିଡ଼ିଓକୁ ଚଲାଇ ଲୋକମାନଙ୍କୁ ବୋକା ବନାଯାଇଥିଲା ବୋଲି ରାଜ୍ୟ ବିଜେପି ସଭାପତି ଶ୍ରୀ ମହାନ୍ତି କହିଛନ୍ତି ।ଏହି ଅବସରରେ କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା ଓ ବରଗଡ ସାଂସଦ ସୁରେଶ ପୂଜାରୀ, ବରିଷ୍ଠ ନେତା ମନମୋହନ ସାମଲ, ରାଜ୍ୟ ସାଧାରଣ ସଂପାଦକ ରବି ନାଏକ ଏବଂ ଝାରସୁଗୁଡା ଜିଲ୍ଲା ସଭାପତି ମଙ୍ଗଳ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ସର୍ବଦଳୀୟ ବୈଠକରେ ବିଜେପିର ଦାବି

ଭୁବନେଶ୍ୱର : ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ସଂପୂର୍ଣ୍ଣ ତ୍ରୁଟିମୁକ୍ତ କରାଯାଉ । ଭୋଟ ଗ୍ରହଣ ସମୟ ସୀମା ବୃଦ୍ଧି କରାଯାଇ ସକାଳ ୭ ଟାରୁ ଅପରାହ୍ନ ୨ ଟା ପର୍ଯ୍ୟନ୍ତ ଚାଲୁ ରଖାଯାଉ । ଆଗାମୀ ପଂଚାୟତ ନିର୍ବାଚନରେ ଭୋଟଗ୍ରହଣ ଓ ଭୋଟ ଗଣତି ମଧ୍ୟରେ ସମୟ ସୀମାକୁ ହ୍ରାସ କରାଯାଉ । ସଂପୃକ୍ତ ଜିଲ୍ଲାର ସ୍ଥାନୀୟ ଅଧିକାରୀମାନଙ୍କୁ ନିର୍ବାଚନ ପ୍ରକ୍ରିୟାରୁ ବିରତ ରଖିବା ପାଇଁ ନିର୍ବାଚନ କମିଶନଙ୍କ ସୁପାରିଶକୁ ରାଜ୍ୟ ସରକାର ଆସନ୍ତା ନଭେମ୍ବର ୧୫ ତାରିଖ ସୁଦ୍ଧା କଡାକଡି ପାଳନ କରନ୍ତୁ । ଜିଲ୍ଲା ପରିଷଦ ସଦସ୍ୟ ଖର୍ଚ୍ଚ ସୀମା ୨ ଲକ୍ଷରୁ ୫ ଲକ୍ଷ ଓ ସରପଂଚ ସମିତି ସଭ୍ୟ ୮୦ ହଜାର ରୁ ୨ଲକ୍ଷ ଯାଏଁ ବୃଦ୍ଧି କରାଯାଉ । ଅନ୍ୟୁନ ୭ ଦିନ ପାଇଁ ମଦମୁକ୍ତ ନିର୍ବାଚନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ବିହୀତ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଆଜି ରାଜ୍ୟ ନିର୍ବାଚନ କମିଶନଙ୍କ ଦ୍ୱାରା ଆହୁତ ସର୍ବଦଳୀୟ ବୈଠକରେ ବିଜେପି ପକ୍ଷରୁ ଦାବୀ କରାଯାଇଛି । ପଂଚାୟତ ସଂରକ୍ଷଣ ସଂପର୍କିତ ସରକାରୀ ବିଭ୍ରାଟ ବିଶୃଙ୍ଖଳା ଓ ଓଡିଶା ପଂଚାୟତ ବିଧି ସଂଶୋଧନ ବିଧେୟକ ୨୦୨୧ ର "ଯାହା ଉଚିତ୍ ହେବ ସେପରି ସଂରକ୍ଷଣ କରିବା ପାଇଁ ଉକ୍ତଯୁକ୍ତ ଅଧିକାରୀମାନେ ସକ୍ଷମ ହେବେ " ବିଚିତ୍ର ବିରୋଧାଭାଷର ଆଇନ ପ୍ରଣୟନ ଫଳରେ ସଂରକ୍ଷଣକୁ କେନ୍ଦ୍ର କରି ସମଗ୍ର ରାଜ୍ୟରେ ପ୍ରବଳ ଜନ ଅସନ୍ତୋଷ ଦୃଷ୍ଟି ଗୋଚର ହୋଇଛି । ଗଜପତି ନୟାଗଡ ଜିଲ୍ଲା ଭଳି କେତେକ ଜିଲ୍ଲାର ତୃଟି ବିଚ୍ୟୁତିକୁ ସରକାର ସ୍ୱୀକାର କରିବା ସହିତ ସଂଶୋଧନ କରିଥିଲେ ମଧ୍ୟ କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ୍ ଶାଳଦେଇ ପଂଚାୟତ ଏକମାତ୍ର ଅନୁସୁଚୀତ ଜନଜାତି ପରିବାର ପାଇଁ ସଂରକ୍ଷଣ ଜାରି ଅଛି । ଯେଉଁଠି ନିର୍ବାଚନର କୌଣସି ଆବଶ୍ୟକତା ନାହିଁ । ସେହିଭଳି ସାମୁକାନନ୍ଦି ଗ୍ରାମ ପଂଚାୟତର ମାତ୍ର ଏଗାର ଜଣ ଜନଜାତି ଭୋଟରଙ୍କ ପାଇଁ ଗ୍ରାମ ପଂଚାୟତ ସରପଂଚ ପଦବୀ ସଂରକ୍ଷିତ ଅଛି । ପଂଚାୟତ ନିର୍ବାଚନ ପ୍ରକ୍ରିୟାରେ ୯୨ ହଜାର ୫୦ ୱାର୍ଡ ଏବଂ ୬୭୯୮ ଗ୍ରାମ ପଂଚାୟତର ନିର୍ବାଚନ ପ୍ରକ୍ରିୟାର ଦଳୀୟ ଆଧାରରରେ ହେଉନଥିବାରୁ ସଂପୃକ୍ତ ନିର୍ବାଚନୀ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବା ପାଇଁ ଏକ ପ୍ରସ୍ତାବ ସମ୍ପର୍କରେ ରାଜ୍ୟ ସରକାରଙ୍କର ଦୃଷ୍ଟି ଆକର୍ଷଣ ଓ ବିହୀତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସୁପାରିଶ କରିବା ପାଇଁ ରାଜ୍ୟ ନିର୍ବାଚନ କମିଶନରଙ୍କୁ ଅନୁରୋଧ କରାଯାଇଥିଲା ।ଏହି ସର୍ବଦଳୀୟ ବୈଠକରେ ଭାରତୀୟ ଜନତା ପାର୍ଟି ପଂଚାୟତିରାଜ ରାଜ୍ୟ ସଂଯୋଜକ ଶଙ୍କର ପରିଡା ଓ ଆଇନ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ଜୟନ୍ତ ଜେନା ଉପସ୍ଥିତ ଥିଲେ ।

# ତ୍ରିନାଥ ଦେବଙ୍କ ବାର୍ଷିକ ଉତ୍ସବ



ଖଣ୍ଡପଡା,(ପି.ଏନ): ଖଣ୍ଡପଡା ବ୍ଲକ ଅଧିନ କିଆଝର ଗ୍ରାମସ୍ଥିତ ତ୍ରିନାଥ ଦେବଙ୍କ ୩୮ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏ ଅବସରରେ ହୋମ ଯଜ୍ଞ ଆଦି ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ପୂର୍ଣ୍ଣାହୁତି ଉତ୍ସବରେ ଆଖପାଖ ଅଂଚଳରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ରାତ୍ର କାଳରେ ସ୍ଥାନୀୟ ଅଂଚଳର କଳାକାରମାନଙ୍କ ଦ୍ୱାରା ପୌରାଣିକ ନାଟକ କୁନ୍ତିଙ୍କ ଗୁରୁ ଦକ୍ଷିଣା ମଂଚସ୍ଥ ହୋଇଥିଲା । କିଆଝର ପଂଚାୟତ ସରପଂଚ ଚନ୍ଦ୍ରକାନ୍ତ ବଳିୟାର ସିଂ ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ମଂଚସ୍ଥ ନାଟକରେ କଳାକାର ମାନଙ୍କର ନିଖୁଣ ଅଭିନୟ ଦର୍ଶକ ମାନଙ୍କ ମନ ଜିଣି ପାରିଥିଲା । କିଆଝର ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରୀୟ ସହଯୋଗ କରିଥିଲେ ।

## ଓଡ଼ିଶା ବିଧାନସଭା ଦେଶର ପ୍ରଥମ ଜାତୀୟ ଇ-ବିଧାନସଭା

ଭୁବନେଶ୍ୱର, (ପି.ଏନ): ଓଡ଼ିଶା ବିଧାନସଭା ଦେଶର ପ୍ରଥମ ଜାତୀୟ ଇ-ବିଧାନସଭା ହେବ । ଜାତୀୟ ଇ-ବିଧାନ ଆପ୍ଲିକେସନ ଆପ୍ ମାଧ୍ୟମରେ ଷୋଡଶ ବିଧାନସଭାର ଷଷ୍ଠ ଅଧିବେଶନରେ ରାଜ୍ୟପାଳଙ୍କ ବଜେଟ୍ ଅଭିଭାଷଣ ଏବଂ ରାଜ୍ୟର ବଜେଟ୍ ବିନା କାଗଜରେ ଉପସ୍ଥାପିତ ହୋଇଥିଲା । ଏତଦ୍ ବ୍ୟତୀତ ୨୦୨୧-୨୨ ଆର୍ଥିକ ବର୍ଷର ବଜେଟ୍ ଏଷ୍ଟିମେଟ୍, ରାଜ୍ୟର ଅର୍ଥନୈତିକ ସର୍ଭେ ମଧ ଇ-ପୁସ୍ତକ ମାଧ୍ୟମରେ ନେଭା ମୋବାଇଲ୍ ଆପ୍ ଦ୍ୱାରା ଉପସ୍ଥାପିତ ହୋଇଥିଲା । ବିଧାନସଭା ସଦସ୍ୟମାନଙ୍କର ତାରକା ଏବଂ ଅଣତାରକା ଚିହ୍ନିତ ପ୍ରଶ୍ନ, ବିଧାନସଭାର ଦୈନନ୍ଦିନ କାର୍ଯ୍ୟ ବିବରଣୀ, ବିଧାନସଭାର ବିଭିନ୍ନ କମିଟିର ରିପୋର୍ଟ, ପ୍ରଶ୍ନୋତର, ବୁଲେଟିନ୍ ଇତ୍ୟାଦି ମଧ ନେଭା ଆପ୍ ମାଧ୍ୟମରେ ଓଡ଼ିଶା ବିଧାନସଭାରେ କାର୍ଯ୍ୟକାରୀ ହେଉଛି । ଏହାର କାର୍ଯ୍ୟକାରିତା ସମ୍ପର୍କରେ ସବିଶେଷ ବିବରଣୀ ଅବଗତ ହେବା ପାଇଁ ଏକ ଭର୍ଚୁଆଲ୍ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ।ବାଚସ୍ପତି ଡ଼ଃ ସୂର୍ଯ୍ୟ ନାରାୟଣ ପାତ୍ର ଉକ୍ତ ଭର୍ଚୁଆଲ୍ ବୈଠକରେ ଅଧକ୍ଷତା କରି କହିଥିଲେ ୧୯୩୭ ମସିହା ଠାରୁ ଏ ପର୍ଯ୍ୟନ୍ତ ବିଧାନସଭାରେ ଆଗତ କରାଯାଇଥିବା ସମସ୍ତ ସରକାରୀ ଏବଂ ବେସରକାରୀ ବିଲ ବିଧାନସଭା ୱେବସାଇଟରେ ଉପଲବ୍ଧ କରାଯାଇଛି । ବିଧାନସଭା ପକ୍ଷରୁ ଦାଖଲ କରାଯାଇଥିବା ଇ-ବିଧାନସଭା ସଂପର୍କିତ ପ୍ରୋଜେକ୍ଟ୍ ରିପୋର୍ଟ ସର୍ବଭାରତୀୟ ସ୍ତରରେ ଆଦୃତ ହୋଇଛି ଏବଂ ହିମାଚଳ ପ୍ରଦେଶ, ପଞ୍ଜାବ, ବିହାର ସମେତ ସମସ୍ତ ବିଧାନସଭା ଏହାକୁ ପାଇଲଟ୍ ପ୍ରୋଜେକଟ୍ ଭାବେ ଗ୍ରହଣ କରୁଛନ୍ତି ।

## ବୌଦ୍ଧ-କନ୍ଧମାଳରେ ଭଲିବଲ୍ ମହାକୁମ୍ଭ ୧୧ରେ ଉଦ୍‌ଘାଟନ

ଭୁବନେଶ୍ୱର, ୧୦।୧୧(ପି.ଏନ): କନ୍ଧମାଳ ସଂସଦୀୟ କ୍ଷେତ୍ରର ବୌଦ୍ଧ ଓ କନ୍ଧମାଳ ଜିଲ୍ଲାରେ ୬୯ତମ ରାଜ୍ୟସ୍ତରୀୟ ଭଲିବଲ୍ ଚାମ୍ପିଅନସିପ ଆରମ୍ଭ ହେବାକୁ ଯାଉଛି । ଓଡ଼ିଶା ସରକାର, କିଟ୍ ଓ କିସ୍‌ର ଆର୍ଥିକ ସହାୟତା, କନ୍ଧମାଳ ସାଂସଦ ତଥା ଭାରତୀୟ ଭଲିବଲ୍ ଫେଡେରେସନ୍‌ର ସଭାପତି ଅଚ୍ୟୁତ ସାମନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୀର୍ଘ ୬୮ ବର୍ଷ ପରେ ପ୍ରଥମ ଥର ଲାଗି କନ୍ଧମାଳ ସଂସଦୀୟ କ୍ଷେତ୍ରରେ ଏଭଳି ଏକ ଐତିହାସିକ ମହାକୁମ୍ଭ ଅନୁଷ୍ଠିତ ହେବାକୁ ଯାଉଛି । ଓଡ଼ିଶା ଭଲିବଲ୍ ଆସୋସିଏସନ୍ ଓ ବୌଦ୍ଧ-କନ୍ଧମାଳ ଜିଲ୍ଲା ଆଥଲେଟିକ ଆସୋସିଏସନ୍‌ର ମିଳିତ ଆନୁକୂଲ୍ୟରେ ଏହି ଭଲିବଲ୍ ମହାକୁମ୍ଭ ଅନୁଷ୍ଠିତ ହେଉଛି । ନଭେମ୍ବର ୧୧ରୁ ୧୪ତାରିଖ ପର୍ଯ୍ୟନ୍ତ ୪ଦିନ ଧରି ଚାଲିବାକୁ ଥିବା ଏହି ଭଲିବଲ୍ ଚାମ୍ପିଅନ୍‌ସିପ (ମହିଳା ଓ ପୁରୁଷ) ଏବଂ ପ୍ରଥମ ଆନ୍ତଃକ୍ଲବ୍ ପାରମ୍ପରିକ ଡାବ୍‌ବା ଭଲିବଲ୍ ପୁରୁଷ ପ୍ରତିଯୋଗିତା କନ୍ଧମାଳ ଜିଲ୍ଲାର ଫୁଲବାଣୀ, ଟିକାବାଲି, ବାଲିଗୁଡ଼ା ଓ ରାଇକିଆଠାରେ ଅନୁଷ୍ଠିତ ହେବାକୁ ଥିବା ବେଳେ ବୌଦ୍ଧ ଜିଲ୍ଲାର ବୌଦ୍ଧଠାରେ ମ୍ୟାଚ୍‌ସବୁ ଅନୁଷ୍ଠିତ ହେବ ।ପ୍ରଥମ ଥର ଲାଗି ଏହି ଚାମ୍ପିଅନ୍‌ସିପ୍‌ରେ ଚାମ୍ପିଅନ୍, ରନର୍ସଅପ୍ ଓ ତୃତୀୟ ବିଜେତା ଦଳକୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି । ଏହି ଭଲିବଲ୍ ମହାକୁମ୍ଭରେ ଓଡ଼ିଶାର ୩୦ଟି ଜିଲ୍ଲା ଓ ରାଜ୍ୟର ୬ଟି ୟୁନିଟ୍‌ରୁ ଉଭୟ ମହିଳା ଓ ପୁରୁଷ ବରିଷ୍ଠ ବର୍ଗର ୭୨ଟିମ୍ ଭାଗ ନେଉଥିବା ବେଳେ ୧୫ଶହରୁ ଉର୍ଦ୍ଧ୍ୱ ଖେଳାଳି, ୨ଶହ କୋଚ ଓ ଅଫିସିଆଲ୍ ଯୋଗଦେବେ । ସେହିପରି ଉଭୟ କନ୍ଧମାଳ ଓ ବୌଦ୍ଧ ଜିଲ୍ଲାର ବଛାବଛା ୨୦ଟି ଡାବ୍‌ବା ଭଲିବଲ୍ ଦଳ ଏହି ଚାମ୍ପିଅନ୍‌ସିପ୍‌ରେ ଭାଗନେବେ ।୧୧ ତାରିଖ ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶାର ଜଙ୍ଗଲ ଓ ପରିବେଶ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ; ପଞ୍ଚାୟତିରାଜ, ଆଇନ୍ ତଥା ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା; କ୍ରୀଡ଼ା, ଯୁବସେବା ତଥା ଇଲେକ୍ଟ୍ରୋନିକ୍ ଓ ସୂଚନା-ପ୍ରଯୁକ୍ତି ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା, କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତଙ୍କ ସମେତ କନ୍ଧମାଳ ସଂସଦୀୟ କ୍ଷେତ୍ରର ସମସ୍ତ ବିଧାୟକ, ଜିଲ୍ଲାପ୍ରଶାସନର ବରିଷ୍ଠ ପଦାଧିକାରୀ ଓ ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍‌ର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ସୂଚନାଯୋଗ୍ୟ, ଗତବର୍ଷ ଫେବୃଆରୀ ୨୮ରୁ ମାର୍ଚ୍ଚ ୧୫ତାରିଖ ଯାଏ କନ୍ଧମାଳ ଜିଲ୍ଲାରେ ଅନୁରୂପ ଏକ ଭଲିବଲ୍ ଟୁର୍ଣ୍ଣାମେଣ୍ଟ କୋଭିଡ୍ କଟକଣା ଯୋଗୁଁ ବାତିଲ୍ ହୋଇଥିଲା ।

# ଜାତୀୟ ଆଇନ୍ ସେବା ଦିବସ ପାଳିତ

ଆନନ୍ଦପୁର,(ପି.ଏନ): ଆନନ୍ଦପୁର ଆଇନ୍ ତାଲୁକ ସେବା ସମିତି ପକ୍ଷରୁ ଶାଳପଡା ସରକାରୀ ଶିଳ୍ପ ତାଲିମ୍ କେନ୍ଦ୍ର ଠାରେ ଜାତୀୟ ଆଇନ୍ ସେବା ଦିବସ ପାଳିତ ହୋଇଯାଇଛି । ଉକ୍ତ ଦିବସରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ତାଲୁକ ଆଇନ୍ ସେବା ସମିତିର ଅଧକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ରନ କୁମାର ସୁତାର ଯୋଗ ଦେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଆଇନ୍ ସେବା ପାଇବା ପାଇଁ ତାଲୁକ ଆଇନ୍ ସେବା ସମିତିର ସମ୍ମୁଖ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା । ରାଜ୍ୟର ସବୁ ବର୍ଗର ଲୋକମାନଙ୍କୁ ଆଇନ୍ ସାହାଯ୍ୟ ଯୋଗାଇ ଦେବାପାଇଁ ନ୍ୟାୟ ସଂଯୋଗ କାର୍ଯ୍ୟାଳୟ ରହିଥିବା ବେଳେ ଏହାର ହେଲ୍ପଲାଇନ୍ ୧୫୧୬କୁ ସମସ୍ତ ସରକାରୀ କାର୍ଯ୍ୟ ଦିବସରେ ଯୋଗାଯୋଗ କରି ଆଇନ୍ ଗତ ପରାମର୍ଶ ପାଇବା ପାଇଁ ପରାମର୍ଶ ଦିଆଯାଇଥିଲା । ଏଥି ସହିତ ମହିଳା, ଶିଶୁ, ତଫଲିସଭୁକ୍ତ ଜାତି ଓ ଉପଜାତି, ମାନସିକ ବିକାରଗ୍ରସ୍ତ, ଶାରୀରିକ ଭିନ୍ନକ୍ଷମ, ବିଚାରାଧିନ ବନ୍ଦୀ, ବରିଷ୍ଠ ନାଗରିକ, ଦଙ୍ଗାଗ୍ରସ୍ତ, ପ୍ରାକୃତିକ ବିପର୍ଯ୍ୟୟ ପୀଡିତ ବ୍ୟକ୍ତି ମାନଙ୍କୁ ମାଗଣା ଆଇନ୍ ସେବା ସହିତ ଅଧିବକ୍ତାଙ୍କ ସହଯୋଗ ଯୋଗାଇ ଦିଆଯିବା କଥା ଆଲୋଚନା କରାଯାଇଥିଲା । ଅନ୍ୟତମ ଅତିଥି ଭାବେ ଆନନ୍ଦପୁର ବରିଷ୍ଠ ଦେୱାନୀ ଅଦାଲତର ସବଜଜ୍ ମହେଶ୍ୱେତା ପରିଜା, ଏସ୍‌ଡିଜେଏମ୍ ରଶ୍ମିରେଖା ପାତ୍ର, ଗ୍ରାମ୍ୟ ନ୍ୟାୟଧିକାରୀ ମାନସୀ ପ୍ରଧାନ, ଜେଏମ୍‌ଏଫ୍‌ସି ପ୍ରବୀଣ କୁମାର ହୋତା ପ୍ରମୁଖ ଯୋଗ ଦେଇ ସମ୍ବିଧାନରେ ପ୍ରଦତ୍ତ ମୌଳିକ ଅଧିକାର ମୋଟର ଦୁର୍ଘଟଣା, ଶିଶୁ ସୁରକ୍ଷା ଆଇନ୍, ପୀଡିତା କ୍ଷତିପୂରଣ ଆଇନ୍ ଓ ଯୌନ ଶୋଷଣ ବିରୋଧ ଆଇନ୍ ବିଷୟରେ ଆଲୋଚନା କରିଥିଲେ । ବରେଣ୍ୟ ଅତିଥି ଭାବେ ଆନନ୍ଦପୁର ଏସ୍‌ଡିପିଓ ଅନିଲ କୁମାର ବେଉରିଆ, ଘଷିପୁରା ଥାନାଧିକାରୀ ଘନଶ୍ୟାମ ବେହେରା, ବରିଷ୍ଠ ସରକାରୀ ଓକିଲ ମହେନ୍ଦ୍ର କୁମାର ମହାପାତ୍ର, ଆନନ୍ଦପୁର ଓକିଲ ସଂଘ ସଭାପତି ଦୟାନିଧି ଦାଶ,ତାଲୁକ ଆଇନ୍ ସେବା ସମିତି ସଦସ୍ୟ ଆଇନ୍‌ଜୀବୀ ବାଇଧର ସେଠୀ, ସରକାରୀ ଶିଳ୍ପ ତାଲିମ୍ କେନ୍ଦ୍ର ଶାଳପଡାର ଅଧକ୍ଷ ମାନସ ରନ ପତି ପ୍ରମୁଖ ଯୋଗ ଦେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳାଯୁକ୍ତ ଭବିଷ୍ୟତରେ ଆଇନ୍‌ର ଭୂମିକା ବିଷୟରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ତାଲୁକ ଆଇନ୍ ସେବା ସମିତିର ପ୍ୟାନେଲ ଲୟର ଭାଗିରଥି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ସଚେତନତା ସଭାରେ ସରକାରୀ ଶିଳ୍ପ କେନ୍ଦ୍ର ଶାଳପଡାର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ତାଲୁକ ଆଇନ୍ ସେବା ସମିତିର କର୍ମଚାରୀ ଦେବାଶିଷ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।




## ଓଡିଶାର ସୁଦର୍ଶନ ସାହୁଙ୍କୁ ପଦ୍ମ ବିଭୂଷଣ, ୫ ଜଣ ପାଇଲେ ପଦ୍ମଶ୍ରୀ

ଭୁବନେଶ୍ୱର, (ପି.ଏନ): ରାଷ୍ଟ୍ରପତି ଭବନରେ ଆୟୋଜିତ ଭବ୍ୟ ସମାରୋହରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ୨୦୨୧ ବର୍ଷ ପାଇଁ ସମସ୍ତ ବିଜେତାଙ୍କୁ ପଦ୍ମ ପୁରସ୍କାରରେ ସମ୍ମାନିତ କରିଛନ୍ତି। ଓଡ଼ିଶାରୁ ଆଜି ମୋଟ ୬ ଜଣଙ୍କୁ ପଦ୍ମ ପୁରସ୍କାରରେ ସମ୍ମାନୀତ କରାଯାଇଛି ।ଓଡ଼ିଶାରୁ ବିଶିଷ୍ଟ ପ୍ରସିଦ୍ଧ ଭାସ୍କର୍ଯ୍ୟ ଶିଳ୍ପୀ ସୁଦର୍ଶନ ସାହୁଙ୍କୁ ରାଷ୍ଟ୍ରପତି ପଦ୍ମ ବିଭୂଷଣରେ ସମ୍ମାନିତ କରିଛନ୍ତି । ସେହିପରି କଳା ପାଇଁ ପୂର୍ଣ୍ଣମାସୀ ଜାନି, ସାହିତ୍ୟ ପାଇଁ ରଜତ କରଙ୍କୁ ପଦ୍ମଶ୍ରୀରେ ପୁରସ୍କାରରେ ସମ୍ମାନିତ କରାଯାଇଛି । ଶିକ୍ଷା ପାଇଁ ନନ୍ଦ ପୃଷ୍ଟି, ସାମାଜିକ ସେବା ପାଇଁ ଶାନ୍ତି ଦେବୀ ଓ ଔଷଧ ପାଇଁ କୃଷ୍ଣ ମୋହନ ପାଢ଼ୀଙ୍କୁ ମିଳିଛି ପଦ୍ମଶ୍ରୀ ପୁରସ୍କାର। ରାଷ୍ଟ୍ରପତି ଭବନର ଅଶୋକା ହଲ୍ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଭେଙ୍କେୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହଙ୍କ ସମେତ ଅନ୍ୟ ବରିଷ୍ଠ ନେତା ପ୍ରମୁଖ ଯୋଗ ଦେଇଥିଲେ।୨୦୨୧ ବର୍ଷ ପାଇଁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଆଜି ୧୧୯ ଜଣଙ୍କୁ ପଦ୍ମ ପୁରସ୍କାରରେ ସମ୍ମାନିତ କରିଛନ୍ତି । ପଦ୍ମ ବିଭୂଷଣରେ ୭ ଜଣ, ପଦ୍ମ ଭୂଷଣରେ ୧୦ ଜଣ ଏବଂ ୧୦୨ ବ୍ୟକ୍ତିଙ୍କୁ ପଦ୍ମଶ୍ରୀରେ ସମ୍ମାନିତ କରାଯାଇଛି ।ସେହିପରି ଗତକାଲି ବର୍ଷ ୨୦୨୦ ପାଇଁ ଓଡ଼ିଶାରୁ ୧୧ ଜଣଙ୍କୁ ପଦ୍ମ ପୁରସ୍କାରରେ ସମ୍ମାନୀତ କରାଯାଇଥିଲା। ଡ଼ିଶାର ଜଣାଶୁଣା ସାହିତ୍ୟକ ମନୋଜ ଦାସଙ୍କୁ ମରଣୋତର ଭାବେ ପଦ୍ମ ଭୂଷଣ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଅନ୍ୟ ଓଡ଼ିଆଙ୍କ ମଧ୍ୟରେ ଜୈବ କୃଷିରେ ବିପ୍ଳବ ଆଣିଥିବା ଓଡ଼ିଆ ବାପା ଓ ଝିଅ ପ୍ରଫେସର ରାଧାମୋହନ ଏବଂ ତାଙ୍କ ଝିଅ ସାବରମତୀଙ୍କୁ ପଦ୍ମଶ୍ରୀ ମିଳିଥିଲା ।ସେହିପରି ସାନ୍ତାଳୀ ଭାଷାରେ ପାରଦର୍ଶୀତା ଓ ଦକ୍ଷତା ପ୍ରଦର୍ଶନ କରିଥିବାରୁ ଡକ୍ଟର ଦମୟନ୍ତି ବେସରା, ଶିକ୍ଷା ଓ ସାହିତ୍ୟ ପାଇଁ ବୀଣାପାଣି ମହାନ୍ତି ଓ ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମିତ୍ରଭାନୁ ଗଁଣ୍ଟିଆ (କଳା), ସ୍ୱର୍ଗତ ମନମୋହନ ମହାପାତ୍ର (କଳା), ଦିଗମ୍ବର ବେହେରା (ମେଡିସିନ୍), ଉତ୍ସବ ଚରଣ ଦାସ (କଳା), ବଟକୃଷ୍ଣ ସାହୁଙ୍କୁ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପଦ୍ମଶ୍ରୀ ସମ୍ମାନ ମିଳିଥିଲା।

## ମନରେଗା ସୋସାଇଟି ଘେରାଉ

ଭୁବନେଶ୍ୱର, (ପି.ଏନ୍): ଗାଁସାଥୀ (ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି, ଓଡ଼ିଶା ପ୍ରଦେଶର ସାଧାରଣ ସମ୍ପାଦକ ଶ୍ରୀ ଲକ୍ଷ୍ମୀଧର ବିଶ୍ୱାଳଙ୍କ ନେତୃତ୍ୱରେ ଆଜି ଓଡ଼ିଶାର ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ଗାଁସାଥୀ ସଂଗଠକ ଭୁବନେଶ୍ୱର, ୟୁନିଟ୍-୮ ସ୍ଥିତ ଏସ୍.ଆଇ.ଆଇ.ଡି. ପରିସରରେ ଥିବା ମନରେଗା ସୋସାଇଟିକୁ ଘେରାଉ କରିଥିଲେ । ସୂଚନା ଅନୁଯାୟୀ ଚଳିତ ବର୍ଷ ସେପ୍ଟେମ୍ବର ୧୫ ତାରିଖରେ ନିର୍ଦ୍ଦେଶକ (ସ୍ୱତନ୍ତ୍ର ପ୍ରକଳ୍ପ) ଆଇ.ଏ.ଏସ୍. ଅରିନ୍ଦମ ଡାକୁଆଙ୍କ ଅଧ୍ୟକ୍ଷତାରେ ମନରେଗା ସୋସାଇଟିର ୨ୟ ମହଲା ହଲ୍‌ରେ ସଂଘ କର୍ମକର୍ତାଙ୍କ ସହିତ ଏକ ବିଶେଷ ଆଲୋଚନାରେ ସଂଘର ବିଭିନ୍ନ ଦାବି ଯଥା- ଅବିଳମ୍ବେ ସମସ୍ତଙ୍କୁ ଟ୍ରେନିଂ, ଗାଁସାଥୀ (ମେଟ୍)ଙ୍କ ଡାଟାବେସ୍ ସଂଗ୍ରହ ଇତ୍ୟାଦି ୧୦ ଦଫା ଦାବିକୁ ଶ୍ରୀ ଡାକୁଆ ପୂରଣ କରି ତୁରନ୍ତ ଚିଠି କରିବେ ବୋଲି ସ୍ପଷ୍ଟ ପ୍ରତିଶ୍ରୁତି ଦେଇଥିଲେ ବୋଲି ସଂଘ ତରଫରୁ ପ୍ରକାଶ । ମାତ୍ର ଆଲୋଚନାକୁ ପ୍ରାୟ ୫୦ ଦିନ ବିତିଯାଇଥିଲେ ବି ତଦନୁଯାୟୀ କୌଣସି ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ସଠିକ୍ ଭାବରେ ନ ହେବାରୁ ଆଦି ଗଣଧାରଣା ଓ ଘେରାଓ କରିବାକୁ ବାଧ୍ୟ ହେଲୁ ବୋଲି ସଂଘର ସଂଗଠକ ଶ୍ରୀ ବିଶ୍ୱାଳ, ସୌଭାଗ୍ୟ ମିଶ୍ର, କୁଳମଣି ମେଂଟା, ସସ୍ମିତା ଜେନା, ରବିନ୍ଦ୍ର ଗୌଡ, ସୁଧାଂଶୁ ଶତପଥୀ, ହେମନ୍ତ ନାହାକ, ଚରଣ ନାହାକ, ଅଶୋକ ପଲାଇ, ବିଦ୍ୟାଧର ପ୍ରଧାନ, ଲକ୍ଷ୍ମୀ ପାଢୀ, ଗୀତାଞ୍ଜଳି ପାତ୍ର, ଅରୁଣ ବେହେରା, ପ୍ରକାଶ ମଲ୍ଲିକ, କରୁଣାକର ନାୟକ, ବିକାଶ ନାୟକ, ଦୁର୍ଗାଚରଣ ହଂସ, ଯଦୁ ମୁର୍ମୁ, ଜୟରାମ ଓ ଅନ୍ୟ ଶତାଧିକ ଗାଁସାଥୀ (ମେଟ୍) ସଂଗଠକମାନେ ଗଣମାଧ୍ୟମକୁ ଜଣାଇଛନ୍ତି ।

## ଡି.ଏ.ଭି ପବ୍ଲିକ ସ୍କୁଲ କଳିଙ୍ଗ ନଗରଠାରେ ପୂର୍ବତନ ଚେୟାରମ୍ୟାନ ବି.ସି. ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ପାଳିତ




ଭୁବନେଶ୍ୱର ,(ପି.ଏନ): ଡି.ଏ.ଭି. ପବ୍ଲିକ୍ ସ୍କୁଲ କଳିଙ୍ଗ ନଗରଠାରେ ପୂର୍ବତନ ଚେୟାରମ୍ୟାନ ତଥା ଓଡ଼ିଶା ଡି.ଏ.ଭି ଆନ୍ଦୋଳନର କର୍ଣ୍ଣଧାର ଓ ଦ୍ୱୈତନଗରୀ ଡି.ଏ.ଭି ବିଦ୍ୟାଳୟ ସମୂହର ମୁଖ୍ୟ ବିଦ୍ଧାଣି ଇଂ ବିରେନ୍ ଚନ୍ଦ୍ର ପଟ୍ଟନାୟକଙ୍କ ୯୪ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ବିପିନ୍ କୁମାର ସାହୁଙ୍କ ସମେତ ପର୍ଯ୍ୟବେକ୍ଷକ, ପର୍ଯ୍ୟବେକ୍ଷିକା, ଶିକ୍ଷକ ଶିକ୍ଷୟିତ୍ରୀ ବୃନ୍ଦ ଇଂ ବି.ସି. ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ବୈଦିକ ରୀତି ଅନୁଯାୟୀ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଇଂ ପଟ୍ଟନାୟକଙ୍କ ସ୍ମୃତିଚାରଣ ଉପଲକ୍ଷେ ଇଂରାଜୀ ଓ ଓଡ଼ିଆ ଭାଷାରେ ସୃଜନାତ୍ମକ ଲିଖନ ଆନ୍ତଃ ବିଦ୍ୟାଳୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏହି ପ୍ରତିଯୋଗିତାରେ ଏଲ୍ ଆର୍ ଡି.ଏ.ଭି ପବ୍ଲିକ୍ ସ୍କୁଲର ସନତ କୁମାର ମିଶ୍ର ଇଂରାଜୀ ସୃଜନାତ୍ମକ ଲିଖନ ପ୍ରତିଯୋଗିତାରେ ପ୍ରଥମ ଏବଂ ଡି.ଏ.ଭି ପୋଖରିପୁଟର ସ୍ୱର୍ଣ୍ଣାଭୋ ଘୋଷ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ଏବଂ ଓଡ଼ିଆ ସୃଜନାତ୍ମକ ଲିଖନ ପ୍ରତିଯୋଗିତାରେ ଡି.ଏ.ଭି ଚନ୍ଦ୍ରଶେଖରପୁର ପବ୍ଲିକ ସ୍କୁଲର ତନ୍‌ଭି ମଲ୍ଲିକ ପ୍ରଥମ ସ୍ଥାନ ଏବଂ ଡି.ଏ.ଭି ପବ୍ଲିକ ସ୍କୁଲ ପୋଖରିପୁଟର ଶ୍ରୀସିକ୍ତ ରଥ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ଇଂ ପଟ୍ଟନାୟକଙ୍କ ଅବଦାନକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ବିଭିନ୍ନ ଡି.ଏ.ଭି ବିଦ୍ୟାଳୟ ତରଫରୁ ଏହି ପ୍ରକାର କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥାଏ ।

## କରୋନାରୁ ସୁସ୍ଥ ହେଲେ ୪୬୧

ଭୁବନେଶ୍ୱର, (ପି.ଏନ): ରାଜ୍ୟରେ ଆଜି ୪୬୧ ଜଣ ଆକ୍ରାନ୍ତ କରୋନା ସଂକ୍ରମଣରୁ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୩୩ ହଜାର ୨୭ରେ ପହଂଚିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି ।ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୪୭ ଜଣ ଓ କଟକ ଜିଲ୍ଲାରୁ ୩୬ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। ମୟୂରଭଂଜ ଜିଲ୍ଲାରୁ ୨୮, ଜଗତସିଂହପୁରରୁ ୧୭, ବାଲେଶ୍ୱରରୁ ୧୪, ସୁନ୍ଦରଗଡ଼ରୁ ୧୩, ସମ୍ବଲପୁରରୁ ୧୦, ଯାଜପୁରରୁ ୯, ଭଦ୍ରକରୁ ୬, ଗଜପତି ଓ ନୟାଗଡ଼ରୁ ୫-୫ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି ।ସେହିପରି ଗଂଜାମ, ରାୟଗଡ଼ାରୁ ୪-୪, କଳାହାଣ୍ଡି ଓପୁରୀରୁ ୨ ଜଣ ଲେଖାଏଁ, ଅନୁଗୁଳ, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, କେନ୍ଦୁଝର, କୋରାପୁଟ, ନୂଆପଡ଼ାରୁ ଜଣେ ଲେଖାଏଁ ଓ ରାଜ୍ୟପୁଲରୁ ୫୩ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି।

## ନିର୍ଭୁଲ ଓ ସଠିକ୍ ଭୋଟର ତାଲିକା ପ୍ରସ୍ତୁତି ନେଇ ଜିଲ୍ଲାପାଳମାନଙ୍କ ସହ ଆଲୋଚନା

ଭୁବନେଶ୍ୱର, (ପି.ଏନ): ସଠିକ୍ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ଏବଂ ଶୃଙ୍ଖଳିତ ପଂଚାୟତ ନିର୍ବାଚନ ପରିଚାଳନା ନେଇ ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ସମସ୍ତ ଜିଲ୍ଲାପାଳ ଓ ବିଡ଼ିଓମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ।
ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ନିର୍ବାଚନ କମିଶନର ରାଜ୍ୟରେ ଶୃଙ୍ଖଳିତ ପଂଚାୟତ ନିର୍ବାଚନ ଲାଗି ସଠିକ୍ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ନେଇ ସମସ୍ତ ପ୍ରକ୍ରିୟା ଆରମ୍ଭ କରିବାକୁଜିଲ୍ଲାପାଳ ଓ ବିଡ଼ିଓମାନଙ୍କୁ ପରାମର୍ଶ ଦେଇଛନ୍ତି । ଏଥି ସହିତ ୱାର୍ଡରେ ବସବାସ କରୁଥିବା ସମସ୍ତ ଯୋଗ୍ୟଭୋଟରଙ୍କ ନାମ ତାଲିକାରେ ଅନ୍ତର୍ଭୁକ୍ତ କରିବା ନେଇ ସମସ୍ତ ବ୍ୟବସ୍ଥା ଗ୍ରହଣ କରିବା ସହିତ ଅଯୋଗ୍ୟ ଭୋଟର ଯେପରି ତାଲିକାରେ ଅନ୍ତର୍ଭୁକ୍ତ ନହୁଅନ୍ତି ସେଥିପ୍ରତି ସଜାଗ ରହିବା ଉପରେ କମିଶନର ସମସ୍ତ ଜିଲ୍ଲାପାଳ ଓ ବିଡ଼ିଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।ବିଧାନସଭା ଭୋଟର ତାଲିକାରୁ ୱାର୍ଡୱାରୀ ଭୋଟର ତାଲିକା ପ୍ରସ୍ତୁତିବେଳେ ଯେପରି କୌଣସି ଭୋଟରବାଦ ନପଡ଼ନ୍ତି କିମ୍ବା ଜଣଙ୍କ ନାମ ଏକାଧିକବାର ଭୋଟର ତାଲିକାରେ ସ୍ଥାନ ନପାଏ ସେଥିପ୍ରତି ଧ୍ୟାନ ଦେବାକୁ କମିଶନର ବୈଠକରେ ପରାମର୍ଶ ଦେଇଛନ୍ତି। ବରଗଡ଼, ବଲାଙ୍ଗୀର, ଗଜପତି, ଗଞ୍ଜାମ, କଳାହାଣ୍ଡି, କୋରାପୁଟ ଏବଂ ନୂଆପଡ଼ା ଆଦି ୭ଟି ଜିଲ୍ଲା ନଭେମ୍ବର ୩୦ ତାରିଖ ସୁଦ୍ଧା ତେଲେଙ୍ଗାନା ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଭୋଟବାକ୍ସ ସଂଗ୍ରହ କରିବାକୁ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶ ଉପରେ ଆଲୋଚନା ହୋଇଥିଲା। ଏଥି ସହିତ ଆସନ୍ତା ନଭେମ୍ବର ୧୫ ତାରିଖ ସୁଦ୍ଧା ଜିଲ୍ଲାରେ ଭୋଟଗଣତି କେନ୍ଦ୍ରର ସ୍ଥିତି ସଂପର୍କରେ ଜଣାଇବା ନେଇ ବୈଠକରେ କମିଶନର ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ଭୋଟବାକ୍ସ ମରାମତି ଓ କଲରିଂ, ଭୋଟ ଗ୍ରହଣ କେନ୍ଦ୍ର ଚିହ୍ନଟ, ଅସ୍ଥାୟୀ କେନ୍ଦ୍ର ଚିହ୍ନଟ ଆଦି ବିଭିନ୍ନ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା । ଏଠାରେ ସୂଚନାଯୋଗ୍ୟ ଯେ ଗତକାଲି ରାଜ୍ୟ ନିର୍ବାଚନ କମିଶନର ୱାର୍ଡୱାରୀ ଭୋଟର ତାଲିକା ପ୍ରସ୍ତୁତି ସଂପର୍କରେ ଚୂଡ଼ାନ୍ତ କାର୍ଯ୍ୟସୂଚୀ ଘୋଷଣା କରିଥିଲେ । ଆଜିର ଏହି ଭିଡ଼ିଓ କନ୍‌ଫରେନ୍ସିଂରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ବିଡ଼ିଓ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଚିବ ରବିନ୍ଦ୍ରନାଥ ସାହୁ, ସ୍ୱତନ୍ତ୍ର ସଚିବ ରଘୁରାମ ଆର. ଆୟାର ଏବଂ ଉପସଚିବ ଅଜାଦ୍ ହିନ୍ଦ୍ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

## ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକରେ ସ୍ମାର୍ଟ ହେଲଥ୍ କାର୍ଡ ବାଂଟିଲେ ଜଙ୍ଗଲ ମନ୍ତ୍ରୀ

ଭୁବନେଶ୍ୱର, (ପିଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆପଡ଼ା ଜିଲ୍ଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ହିତାଧିକାରୀମାନଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟ ହେଲଥ୍ କାର୍ଡ ବଂଟନର ଶୁଭାରମ୍ଭ କରିବା ପରେ ଜିଲ୍ଲାର ବିଭିନ୍ନ ବ୍ଲକ୍ ଅଂଚଳରେ ଏହି ସ୍ମାର୍ଟ ହେଲଥ୍ କାର୍ଡ ବଂଟନ କାର୍ଯ୍ୟ ଜାରି ରହିଛି। ଏହି କ୍ରମରେ ଆଜି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ବିକ୍ରମ କେଶରୀ ଆରୁଖ ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍‌ର ବିଭିନ୍ନ ଗ୍ରାମପଂଚାୟତରେ ହିତାଧିକାରୀମାନଙ୍କୁ ଏହି ସ୍ମାର୍ଟ ହେଲଥ୍ କାର୍ଡ ବଂଟନ କରିଛନ୍ତି ।ନୂଆପଡ଼ା ଜିଲ୍ଲାର ସମୁଦାୟ ୧ ଲକ୍ଷ ୭୨ ହଜାର ୬୪୩ ହିତାଧିକାରୀ ଏହି କାର୍ଡ ଦ୍ୱାରା ଉପକୃତ ହେବାକୁ ଥିବାବେଳେ ସିନାପାଲି ବ୍ଲକ୍ ?ର ୨୭ଟି ଗ୍ରାମପଂଚାୟତର ୩୩ ହଜାର ୪୫୫ ଜଣ ହିତାଧିକାରୀଙ୍କୁ ଏହି କାର୍ଡ ବଣ୍ଟନ କରାଯିବ। ସିନାପାଲି ବ୍ଲକ୍ ଅନ୍ତର୍ଗତ କଇଁଟପଦର, ଘୁଚାଗୁଡ଼ା, କେନ୍ଦୁମୁଣ୍ଡା, ଝାରବନ୍ଧ, ବରଗାଁ, ଗଣ୍ଡାବାହାଲି ଓ କରଣବାହାଲି ଗ୍ରାମପଂଚାୟତରେ ଆଜି ମନ୍ତ୍ରୀ ଶ୍ରୀ ଆରୁଖ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟ ହେଲଥ୍ କାର୍ଡ ବଂଟନ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ଆରୁଖ କହିଛନ୍ତି ଯେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ 'ସୁସ୍ଥ ଓଡ଼ିଶା ସୁଖୀ ଓଡ଼ିଶା' ମିଶନକୁ ଫଳପ୍ରଦ କରିବା ଲକ୍ଷ୍ୟରେ ଜିଲ୍ଲା ସଦର ମହକୁମା ଡାକ୍ତରଖାନାକୁ ମିଶାଇ ନୂଆପଡ଼ା ଜିଲ୍ଲାରେ ସମୁଦାୟ ୨୪ଟି ସରକାରୀ ଡାକ୍ତରଖାନା ମାଧ୍ୟମରେ ଜିଲ୍ଲାବାସୀଙ୍କୁ ମାଗଣା ଚିକିତ୍ସା ସୁବିଧା ପ୍ରଦାନ କରାଯାଉଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟ ହେଲଥ୍ କାର୍ଡ ଜରିଆରେ ପରିବାରର ପୁରୁଷମାନେ ୫ ଲକ୍ଷ ଟଙ୍କା ଓ ମହିଳାମାନେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ପାଇବେ । ସେହିପରି ସ୍ମାର୍ଟ ହେଲଥ୍ କାର୍ଡଧାରୀମାନେ ମଧ୍ୟ ରାଜ୍ୟ ତଥା ଦେଶର ୨୦୦ଟି ବଡ଼ ବଡ଼ ଡାକ୍ତରଖାନାରେ ବିନାଖର୍ଚ୍ଚରେ ଭଲ ଚିକିତ୍ସା ସୁବିଧା ପାଇପାରିବେ ବୋଲି ମନ୍ତ୍ରୀ ଶ୍ରୀ ଆରୁଖ ପ୍ରକାଶ କରିଛନ୍ତି। କାର୍ଡ ବିତରଣ ଅବସରରେ ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ପ୍ରିୟରଞ୍ଜନ ମେହେର, ସମିତି ସଭ୍ୟ, ସ୍ଥାନୀୟ ସରପଂଚ ଓ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ ।

## ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର ବିଭିନ୍ନ ସେତୁ ଓ ରାସ୍ତା ନିର୍ମାଣ ନେଇ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

ଭୁବନେଶ୍ୱର, (ପି.ଏନ); ଆଜି ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଂଜୟ କୁମାର ଦାସବର୍ମାଙ୍କ ଅଧ୍ୟକ୍ଷତାରେ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର ବିଭିନ୍ନ ସେତୁ ଓ ରାସ୍ତା ନିର୍ମାଣ ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।ବୈଠକରେ ଶ୍ରୀ ଦାସବର୍ମା ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର ତିନିକୁଦି, କୂଅପଦା, ପଥରପଦା, ନିଖିଳ ଗୋବିନ୍ଦପୁର, ସିରୁଲି-କରମଳା ସେତୁର ନିର୍ମାଣ କାର୍ଯ୍ୟର ଅଗ୍ରଗତି ଉପରେ ଗୁରୁତ୍ୱାରୋପ କରିବା ସହ ସେତୁଗୁଡ଼ିକୁ ଶୀଘ୍ର ପୂର୍ଣ୍ଣାଙ୍ଗ କରିବା ପାଇଁ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି କୃଷ୍ଣପ୍ରସାଦ ବ୍ଲକ୍‌ର ମିର୍ଜାପୁର ବସ୍ତିରେ ଜମୁଥିବା ପାଣିର ନିଷ୍କାସନ ପାଇଁ ସୁବନ୍ଦୋବସ୍ତ କରିବା ନିମନ୍ତେ ଶ୍ରୀ ଦାସବର୍ମା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏତଦ୍ ବ୍ୟତୀତ କୃଷ୍ଣପ୍ରସାଦ ବ୍ଲକର ଚଢ଼େୟା ରାସ୍ତା, ବ୍ରହ୍ମଗିରି ବ୍ଲକ୍‌ର ନାଣ୍ଡୀପୁର ଓ ପୁରୀ ସଦର ବ୍ଲକ୍‌ର ଅଠରଭାଗ ରାସ୍ତାର ଆବଶ୍ୟକତା ଅନୁଯାୟୀ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ବିଭାଗୀୟ ଅଧିକାରୀମାନଙ୍କୁ ଅଗ୍ରାଧିକାର ଭିତିରେ କାର୍ଯ୍ୟ କରିବା ପାଇଁ ଶ୍ରୀ ଦାସବର୍ମା ନିର୍ଦ୍ଦେଶ ଦେଇଛନ୍ତି ।ଏହି ବୈଠକରେ ଗ୍ରାମ୍ୟ ନିର୍ମାଣର ସର୍ବୋଚ୍ଚ ଯନ୍ତ୍ରୀ ପ୍ରଦୀପ ସାମଲ, ମୁଖ୍ୟଯନ୍ତ୍ରୀ, କୋଠାବାଡ଼ି ଓ ସେତୁ ରମେଶ ବେହେରା, ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସତ୍ୟନାରାୟଣ ବେହେରା, ପୁରୀ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ରାମପ୍ରସାଦ ଆଚାର୍ଯ୍ୟଙ୍କ ସମେତ ପୁରୀ ଓ ବ୍ରହ୍ମଗିରି ଗ୍ରାମ୍ୟ ଉନ୍ନୟନ ବିଭାଗ ଉପଖଣ୍ଡ ଅଧିକାରୀ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ନବୀନ-ଜଗନ ଭେଟ

ଭୁବନେଶ୍ୱର, (ପି.ଏନ): ଦୁଇ ରାଜ୍ୟର ସ୍ୱାର୍ଥ ସମ୍ପର୍କିତ ପ୍ରସଙ୍ଗରେ ଏକାଠି କାମ କରିବେ ଓଡିଶା-ଆନ୍ଧ୍ର। ସୀମା ବିବାଦ , ପୋଲାଭରମ୍ ତଥା ମାଓ ସମସ୍ୟା ଭଳି ପ୍ରସଙ୍ଗରେ ସହଯୋଗ କରିବାକୁ ସହମତ ହୋଇଛନ୍ତି ୨ ରାଜ୍ୟ। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇଏସ୍ ଜଗନମୋହନ ରେଡ୍ଡୀ ମଙ୍ଗଳବାର ଭୁବନେଶ୍ୱରରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଲୋକସେବା ଭବନ ଠାରେ ଭେଟି ଆଲୋଚନା କରିଛନ୍ତି। ମୁଖ୍ୟତଃ ୯ଟି ପ୍ରସଙ୍ଗରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିବା ସୂଚନା ମିଳିଛି। ବୈଠକରେ ହୋଇଥିବା ନିଷ୍ପତି ଅନୁସାରେ ୨ ରାଜ୍ୟର ମୁଖ୍ୟ ସଚିବଙ୍କୁ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା ହେବ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜାରି ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମିଳିତ ବିବୃତି ଅନୁସାରେ ଦୁଇ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀ ଓ ନବୀନ ପଟ୍ଟନାୟକଙ୍କ ମଧ୍ୟରେ ମୁଖ୍ୟତଃ ଜଳସମ୍ପଦ, ସୀମା ବିବାଦ, ଶକ୍ତି ଓ ନକ୍ସଲ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଦୁଇ ରାଜ୍ୟ ସରକାର କୋଟିଆ ଗ୍ରାମପୁଞ୍ଜି, ନେରେଡ଼ି ବ୍ୟାରେଜ, ଝଞ୍ଜାବତୀ ଜଳଭଣ୍ଡାର, ପୋଲାଭରମ, ବାହୁଡ଼ା ନଦୀରୁ ଜଳ ଛାଡ଼ିବା, ଜଳବିଦ୍ୟୁତ ଉତ୍ପାଦନ ହେଉଥିବା ବାଲିମେଳା ଓ ଉପର ସିଲେର ପାଇଁ ମିଳିତ ଅନାପତି ପ୍ରମାଣପତ୍ର ନିମନ୍ତେ ଏକାଠି କାମ କରିବାକୁ ସହମତି ହୋଇଛନ୍ତି। ସେହିପରି ମାଓବାଦୀ ସମସ୍ୟା ଓ ଗଞ୍ଜେଇ ଚାଷ ସମସ୍ୟାର ମୁକାବିଲା ପାଇଁ ଦୁଇ ରାଜ୍ୟ ସରକାର ପରସ୍ପରକୁ ସହଯୋଗର ପ୍ରତିଶ୍ରୁତି ଦେଇଛନ୍ତି। ଏସବୁ ବ୍ୟତୀତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ତେଲୁଗୁ ଭାଷାକୁ ପ୍ରୋତ୍ସାହିତ କରିବା ନିମନ୍ତେ ଏକ ତେଲୁଗୁ ଭାଷା ଚେୟାର ସ୍ଥାପନ ଓ ଅନୁରୂପ ଭାବେ ଶ୍ରୀକାକୁଳମସ୍ଥିତ ବିଆର ଆମ୍ବେଦକର ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଭାଷା ଚେୟାର ପ୍ରତିଷ୍ଠା କରିବାକୁ ଦୁଇ ରାଜ୍ୟ ସରକାର କାମ କରିବେ । ସେହିପରି ଦୁଇ ରାଜ୍ୟର ସୀମାବର୍ତୀ ଜିଲ୍ଲାଗୁଡ଼ିକରେ ଥିବା ସ୍କୁଲଗୁଡ଼ିକରେ ଭାଷାଭିତିକ ଶିକ୍ଷକ ନିଯୁକ୍ତି, ପାଠ୍ୟପୁସ୍ତକ ଯୋଗାଣ, ଭାଷା ପରୀକ୍ଷା କରାଇ ଭାଇଚାରାକୁ ପ୍ରୋତ୍ସାହିତ କରାଯିବ ।ପାରସ୍ପରିକ ସହଯୋଗ ଓ ସଂଘୀୟ ଢାଂଚାକୁ ସୁରକ୍ଷିତ ରଖିବା ଦିଗରେ ଦୁଇ ରାଜ୍ୟ କାମ କରିବେ। ଦୁଇ ରାଜ୍ୟ ମଧ୍ୟରେ ରହିଥିବା ସମସ୍ୟାଗୁଡ଼ିକର ସମାଧାନ ପାଇଁ ଉଭୟ ରାଜ୍ୟର ମୁଖ୍ୟ ସଚିବସ୍ତରରେ ଏକ ବ୍ୟବସ୍ଥା କାର୍ଯ୍ୟକାରୀ କରି ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ଜନସାଧାରଣଙ୍କ ସ୍ୱାର୍ଥରେ ସମାଧାନ ଖୋଜିବାକୁ ପ୍ରୟାସ କରାଯିବ ବୋଲି ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ ନିଷ୍ପତି ନେଇଛନ୍ତି ।ଏହି ବୈଠକରେ ଓଡ଼ିଶା ଆନ୍ଧ୍ରପ୍ରଦେଶର ମୁଖ୍ୟ ।ସନ ସଚିବ ଉପସ୍ଥିତ ଥିଲେ। ଏତଦ୍ ବ୍ୟତୀତ ରାଜ୍ୟ ସରକାରଙ୍କ ଜଳ ସଂପଦ ସଚିବ, ରାଜସ୍ୱ ସଚିବ ,ଆନ୍ଧ୍ର ସରକାରଙ୍କର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ ।ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଶ୍ରୀ ରେଡ୍ଡୀ ମଙ୍ଗଳବାର ଅପରାହ୍ନରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏହା ପରେ ସେ ରାଜ୍ୟ ଅତିଥି ଭବନରେ ପହଂଚିଥିଲେ। ସେଠାରେ କିଛି ସମୟ ବିଶ୍ରାମ କରିବା ପରେ ସିଧା ଲୋକସେବା ଭବନ ଯାଇଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଆଲୋଚନା ପରେ ଶ୍ରୀ ରେଡ୍ଡୀ ଆନ୍ଧ୍ରପ୍ରଦେଶ ଫେରିଯାଇଥିଲେ ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

# ଶତାୟୁ ବିଦ୍ୟାଳୟ ବନ୍ଦ ପ୍ରତିବାଦରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଦାବୀପତ୍ର ପ୍ରଦାନ

କେନ୍ଦୁଝର,(ପି.ଏନ): କେନ୍ଦୁଝର ସହରର ପୁରୁଣାସହରସ୍ଥିତ ବଡଦାଣ୍ଡରେ ପ୍ରତିଷ୍ଠିତ ପ୍ରାକ୍ଟିସିଂ ପ୍ରାଥମିକ ବିଦ୍ୟାଳୟ ବନ୍ଦ ହେବା ପ୍ରତିବାଦରେ ପୁରାତନ ଛାତ୍ରମାନେ ବୁଧବାର ଦିନ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ଭେଟି ଏକ ଦାବୀ ପତ୍ର ପ୍ରଦାନ କରିବା ସହ ଏହି ୧୨୦ ବର୍ଷର ବିଦ୍ୟାଳୟର ମିଶ୍ରଣ ଓ ଉଚ୍ଛେଦ ପ୍ରକ୍ରିୟାକୁ ବନ୍ଦ କରିବାକୁ ଦାବୀ କରିଛନ୍ତି । ରାଜାରାଜୁଡା ଅମଳରୁ ପ୍ରତିଷ୍ଠିତ ଏହି ବିଦ୍ୟାଳୟ ଅନେକ ସୁନାଗରିକ ଗଢିବା ସହିତ ଏହା ଅନେକ ଦିନ ଧରି ଶିକ୍ଷାର ପ୍ରଦୀପ ଜାଳିଆସୁଛି । ପୁରାତନ ଛାତ୍ର ଦେବାଶିଷ ମିଶ୍ର,ଶରତ କୁମାର ସାହୁ,ପ୍ରମୋଦ ବେହେରା, ତ୍ରିଲୋଚନ ମିଶ୍ର, ଆଇନଜୀବୀ ସନ୍ତୋଷ ଦାସ,ବିନୋଦ ସେଠୀ, ସୁରଜଲାଲ ଦାଶ,ରମାରନ ମିଶ୍ର(ଦିପୁନା) ପ୍ରମୁଖ ଡିଇଓଙ୍କୁ ଭେଟି ଏହି ବିଦ୍ୟାଳୟ ଉଚ୍ଛେଦ ପ୍ରକ୍ରିୟାକୁ ବିରୋଧ କରିବା ସହ ଏହାର ଶ୍ରୀବୃଦ୍ଧି କରିବାକୁ ଅନୁରୋଧ କରିଥିଲେ । ଏହି ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରାଯିବ ନାହିଁ ଓ ଏହି ପ୍ରକ୍ରିୟା ହେବ ନାହିଁ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ଏହି ଅବସରରେ ପ୍ରତିଶୃତି ପ୍ରଦାନ କରିଥିଲେ । ସଦର ଶିକ୍ଷା ଅଧିକାରୀଙ୍କ ସହ ସେ ଫୋନରେ ଆଲୋଚନା କରି ଏହି ବିଦ୍ୟାଳୟରେ ଅଧିକ ଛାତ୍ରଛାତ୍ରୀ ଗ୍ରହଣ କରିବାକୁ ପରାମର୍ଶ ଦେବା ସହ ଏ ସମ୍ପର୍କରେ କୌଣସି ନକାରାତ୍ମକ ପଦକ୍ଷେପ ନ ନେବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ସୂଚନାଯୋଗ୍ୟ ଯେ,ସରକାରୀ ରେକର୍ଡରେ ୨୧




ଫେବୃଆରୀ ୧୯୦୭ମସିହାରେ ତତ୍କାଳୀନ ରାଜା ବଳଭଦ୍ର ଭଞ୍ଜ ଦ୍ୱାରା ପ୍ରାୟ ୨.୫୬ ଏକର ଜମିରେ ଏହି ସ୍କୁଲ ପ୍ରତିଷ୍ଠା କରାଯାଇଥିଲା । ମାତ୍ର ବାସ୍ତବ ପକ୍ଷେ ଏହା ଅନେକ ପୁରୁଣା ବିଦ୍ୟାଳୟ ବୋଲି ପୁରାତନ ଛାତ୍ରମାନେ ଅଭିହିତ କରିଥିଲେ । ଗାନ୍ଧୀବାଦୀ ବ୍ୟବସ୍ଥାରେ ଅରଟରେ ସୂତା କାଟିବା ଆଦି ଅନୁଷ୍ଠିତ ହେଉଥିଲା ବୋଲି କୁହାଯାଏ । ତେବ ଆଧୁନିକ ଶିକ୍ଷା ବ୍ୟବସ୍ଥା ମଧ୍ୟରେ ଜିଲ୍ଲା ମୁଖ୍ୟାଳୟଠାରେ ଥିବା ଏହି ପୁରାତନ ଐତିହ୍ୟସଂପନ୍ନ ସ୍କୁଲ ଅବହେଳିତ ହୋଇରହିଛି । ସ୍କୁଲର ଜମି ଅବ୍ୟବହୃତ ହୋଇଥିବା ନେଇ ଉକ୍ତ ଜମିରେ ଶିକ୍ଷକ ତାଲିମ ସଂସ୍ଥା ପ୍ରତିଷ୍ଠା କରାଯାଇଛି । ଏହି ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୪୫ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ପୂର୍ବରୁ ଅଧିକ ଛାତ୍ରଛାତ୍ରୀ ଆସୁଥିଲେ । ତେବେ ଉପଯୁକ୍ତ ସୁବିଧା ସୁଯୋଗ ଅଭାବରୁ ସେମାନେ ଆସୁନଥିବା ଜଣାପଡିଛି । ପିଲାମାନେ ସୁବିଧା ମିଳୁଥିବା ଅନ୍ୟ ସ୍କୁଲକୁ ପଳାଇଯାଉଥିବାରୁ ଏହି ଐତିହ୍ୟସଂପନ୍ନ ସ୍କୁଲଟି ଅବହେଳିତ ହେବାକୁ ବସିଛି । ଏପରି ଏକ ଐତିହାସିକ ଓ ଜିଲ୍ଲାର ଅନ୍ୟତମ ପୁରାତନ ବିଦ୍ୟାଳୟକୁ ବନ୍ଦ କରିଦେବା ବା ନିକଟସ୍ଥ ହାଇସ୍କୁଲରେ ମିଶ୍ରଣ କରିବା ପୂର୍ବରୁ ଏହା କିପରି ଅଧିକ ଛାତ୍ରଛାତ୍ରୀଙ୍କୁ ଆକର୍ଷିତ କରିପାରିବ ସେଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ପୁରାତନ ଛାତ୍ରଛତ୍ରୀମାନେ ପ୍ରକାଶ କରିଛନ୍ତି । ସାଧାରଣରେ ଦିନେ ଏହି ବିଦ୍ୟାଳୟର ନାମ ମଡେଲ ସ୍କୁଲ ଥିବାବେଳେ ଏବେ ଏହାକୁ ମିଶ୍ରଣ କରିବା ବଦଳରେ ପୁଣି କିପରି ଏକ ମଡେଲ ସ୍କୁଲ ହୋଇପାରିବ ଏବଂ ଏକ ସ୍ୱତନ୍ତ୍ର ଆବାସିକ ବିଦ୍ୟାଳୟ ହୋଇପାରିବ ସେଥିପ୍ରତି ଦୃଷ୍ଟିଦେବାକୁ ପୁରାତନ ଛାତ୍ରଛାତ୍ରୀମାନେ ପ୍ରକାଶ କରିଛନ୍ତି ।

## ସାଳନ୍ଦୀ ଅବବାହିକା ଭୂସ୍ଖଳନ ରୋକିବାକୁ ଦାବିପତ୍ର

ଆନନ୍ଦପୁର,(ପି.ଏନ):ଆନନ୍ଦପୁର ଉପଖଣ୍ଡ ହାଟଡିହି ବ୍ଲକ କାନପୁର ଗ୍ରାମବାସୀ ମଙ୍ଗଳବାର ଦିନ ଆନନ୍ଦପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସାଳନ୍ଦୀ ଅବବାହିକାରେ ବସବାସ କରୁଥିବା ଗ୍ରାମବାସୀ ବିଭିନ୍ନ ସମୟରେ ଗୁରୁତର ସମସ୍ୟାର ସମ୍ମୁଖୀନ ହୋଇ ଆସୁଛନ୍ତି । ଖରସ୍ରୋତା ଏହି ସାଳନ୍ଦୀ ନଦୀର ଭୂସ୍ଖଳନ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିବାରେ ଲାଗିଛି । ସାଳନ୍ଦୀ ନଦୀ ଅବବାହିକା ଦକ୍ଷିଣ ପାର୍ଶ୍ୱ ଓ ଉତ୍ତର ପାର୍ଶ୍ୱରେ ଥିହବା ଘର ଗୁଡିକ ଭୂସ୍ଖଳନରେ ଭାଙ୍ଗି ନଦୀରେ ମିଶି ଗଲାଣି । ୨୦୧୭-୧୮ରେ ଅନୁଭୂତ ହୋଇଥିବା ଭୂମିକମ୍ପ ପ୍ରଭାବରେ ନଦୀ ଅବବାହିକା ଅଂଚଳରେ ୨୦୦ ମିଟରରୁ ଉର୍ଦ୍ଧ୍ୱ ଫାଟ ସୃଷ୍ଟି ହୋଇ ୨ମିଟରରୁ ଉର୍ଦ୍ଧ୍ୱ ଗର୍ତ୍ତ ସୃଷ୍ଟି ହୋଇଥିଲା । ଏଭଳି ବିପଦଜନକ ପରିସ୍ଥିତିରୁ ସୁରକ୍ଷା ପାଇବା ପାଇଁ ସରକାରୀ ସ୍ତରରେ ୧୦୦ମିଟର ଲମ୍ୱ ଗାର୍ଡୱାଲର ବ୍ୟବସ୍ଥା କରାଯାଇଥିଲା । ଏପରିକି ୨୦୨୧ରେ ପଥର ପ୍ୟାକିଂ କରାଯିବାର ବ୍ୟବସ୍ଥା ମଧ୍ୟ ଗ୍ରହଣ କରାଯାଇଛି । ଯାହାର କାର୍ଯ୍ୟ ଶେଷ ହୋଇନାହିଁ । ପଥର ପ୍ୟାକିଂ ପାଇଁ ମାଟି ପଡିଥିବା ସ୍ଥାନରେ ପୁନର୍ବାର ଭୂସ୍ଖଳନ ହୋଇ ଫାଟ ସୃଷ୍ଟି ହୋଇଛି ।

## ଭାଷା ବିନା ମଣିଷର ପରିକଳ୍ପନା କରାଯାଇ ନ ପାରେ




ଭୁବନେଶ୍ୱର,(ପି.ଏନ) : ଭାଷା ବିନା ମଣିଷର ପରିକଳ୍ପନା କରାଯାଇ ନ ପାରେ । ଭାଷା ଓ ଭାବର ଖେଳ ହେଉଛି ସାହିତ୍ୟର ପରିଭାଷା । ତେଣୁ ସାହିତ୍ୟର ମୃତ୍ୟୁ ନାହିଁ ବୋଲି କହିଛନ୍ତି 'ସମ୍ବାଦ'ର ସମ୍ପାଦକ ସୌମ୍ୟରନ ପଟ୍ଟନାୟକ । ଭୁବନେଶ୍ୱର ପାନ୍ଥନିବାସର ସମ୍ମିଳନୀ କକ୍ଷରେ ପ୍ରଗତିଶୀଳ ସମ୍ବାଦପତ୍ର 'ଆଶାପ୍ରଦୀପ' ଆନୁକୂଲ୍ୟରେ 'ସାମ୍ପ୍ରତିକ ପରିବେଶରେ ଭାଷା ଓ ସାହିତ୍ୟର ସୁରକ୍ଷା ପ୍ରସଙ୍ଗ' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ତଥା ଉଦ୍‌ଘାଟକ ଭାବେ ଯୋଗ ଦେଇ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ବର୍ତ୍ତମାନ ପରିସ୍ଥିତିରେ ସାହିତ୍ୟକୁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବଦଳାଇ ଦେଇଛନ୍ତି । ତେଣୁ ସାହିତ୍ୟର ସମୂହ ହିତ ନିମନ୍ତେ ଆମକୁ ମଧ୍ୟ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଏବଂ ଭାଷା ସାହିତ୍ୟ ମଧ୍ୟରେ ଏକ ଦୃଢ଼ ସନ୍ଧି ସ୍ଥାପନ କରି ଚାଲିବାକୁ ପଡ଼ିବ । ଆଶାପ୍ରଦୀପ ସମ୍ବାଦପତ୍ରର ସମ୍ପାଦିକା ବ୍ରାହ୍ମୀପ୍ରିୟା ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ବର୍ମା ଯୋଗ ଦେଇଥିଲେ । ଏହି ଅବସରରେ ଆଇନଜୀବୀ ପ୍ରଶାନ୍ତ ବର୍ମା, ଅରବିନ୍ଦ ମିତ୍ର, ମୁବାଲା ଦାସ, ସଂଘମିତ୍ରା ପଟେଲ, ରେଣୁବାଳା ଦଳାଇ, ଶ୍ୱେତା ବର୍ମା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଆଶାପ୍ରଦୀପର ବିଶେଷ ସଂଖ୍ୟା ଉନ୍ମୋଚନ କରାଯାଇଥିଲା । ଶେଷରେ ସୀବ ଦାଶ ଧନ୍ୟବାଦ ଦେଇଥିଲେ ।

## ନିମ୍ନମାନର ଖାଦ୍ୟକୁ ନେଇ ଅସନ୍ତୋଷ, ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ପ୍ରହସନ

ଆନନ୍ଦପୁର,(ପି.ଏନ):ଗର୍ଭବତୀଙ୍କ ସୁରକ୍ଷା ପାଇଁ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ଆରମ୍ଭ କରିଛନ୍ତି । ତେବେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦାୟୀତ୍ୱହୀତନା ଯୋଗୁଁ ଏହାର ସଫଳ ରୂପାୟନ ହୋଇପାରୁ ନଥିବା ଅଭିଯୋଗ ହୋଇଛି । ପ୍ରତିମାସ ୯ ତାରିଖରେ ଗର୍ଭବତୀ ମାନଙ୍କର ମାଗଣା ଡାକ୍ତରୀ ପରୀକ୍ଷା, ଟେଷ୍ଟ, ମେଡିସିନ୍ ଓ ଖାଇବା ବ୍ୟବସ୍ଥା କରାଯାଇଛି । ଆବଶ୍ୟକ ହେଲେ ମାଗଣାରେ ଅଲଟ୍ରାସାଉଣ୍ଡ କରାଯିବାର ବ୍ୟବସ୍ଥା ରହିଛି । ତେବେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ସରକାରଙ୍କ ଏହି ଯୋଜନା ପ୍ରହସନ ପାଲଟିଛି । ଆଜି ଏହି ଯୋଜନାରେ ମୋଟ୍ ୮୪ଜଣ ଗର୍ଭବତୀ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ଆସିଥିଲେ ।

## ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶନାମାକୁ ଅଣଦେଖା କରୁଛନ୍ତି ବଡ଼ଚଣା ବ୍ଲକ୍ ଶିକ୍ଷାଧିକାରୀ

ଚଣ୍ଡିଖୋଲ, (ପି.ଏନ୍):ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୨/୩ ବର୍ଷ ଧରି ଜାଲ ସାର୍ଟିଫିକେଟ୍ ଧାରି ଶିକ୍ଷକ/ ଶିକ୍ଷୟିତ୍ରୀମାନଙ୍କୁ ଧରିବା ପାଇଁ ଅଭିଯାନ ଆଜି ଏକ ପ୍ରହସନରେ ପରିଣତ ହୋଇଛି । ଜାଲ୍ ଶିକ୍ଷକ/ ଶିକ୍ଷୟିତ୍ରୀମାନେ ବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀମାନଙ୍କୁ କି ପ୍ରକାର ଗୁଣାତ୍ମକ ଶିକ୍ଷାଦାନ ଦେଉଥିବେ ଓ ଛାତ୍ରଛାତ୍ରୀମାନଙ୍କର ଶିକ୍ଷାର ବିକାଶ କେଉଁଆଡ଼େ ଗତି କରୁଛି ତାହା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଯାଜପୁର ଜିଲା ବଡ଼ଚଣା ଗୋଷ୍ଠୀ ଶିକ୍ଷାଧିକାରୀ ଅଧିନ ତେଲିଗଡ଼ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଅମିୟ କୁମାର ବରାଳ ଜାଲ୍ ଓ.ଟି.ଇ.ଟି ପାସ୍ ସାର୍ଟିଫିକେଟ୍ ଦାଖଲ କରି ସରକାରୀ ଶିକ୍ଷକ ଚାକିରୀର ସୁବିଧା ହାତଉଥିବାର ଧରା ପଡ଼ିଛନ୍ତି । ବଡ଼ଚଣା ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଭିଯୁକ୍ତ ଶିକ୍ଷକଙ୍କର ସାର୍ଟିଫିକେଟ୍ ଜାଂଚ କରି ଜାଲିଆତି ଧରିଥିଲେ ମଧ୍ୟ ବଡ଼ଚଣା ବ୍ଲକ୍ ଶିକ୍ଷାଧିକାରୀ କାର୍ଯ୍ୟାନୁଷ୍ଠାନ ନେବାରେ ଟାଳଟୁଳ ନିତି ଅବଲମ୍ବନ କରି ଜାଲ୍ ଶିକ୍ଷକଙ୍କୁ ଖସାଇବାରେ ସହଯୋଗ କରୁଛନ୍ତି ବୋଲି ସାଧାରଣରେ ଅଭିଯୋଗ ହେଉଅଛି । ନିର୍ଦ୍ଦେଶକ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ଓଡ଼ିଶା ତରଫରୁ କଡ଼ା ତାଗିଦ୍ ସତ୍ୱେ ବଡ଼ଚଣା ଗୋଷ୍ଠୀ ଶିକ୍ଷାଧିକାରୀ ଜାଣିଶୁଣି ସମୟ ଗଡ଼ାଇ ଚାଲିଛନ୍ତି । ଏଥିରେ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟ ସନ୍ଦେହ ଘେରକୁ ଆସୁଛି । ଗତ ୧୮.୧୦.୨୦୨୧ ତାରିଖ ନିର୍ଦ୍ଦେଶକଙ୍କ ଚିଠି ନମ୍ବର ୧୬୮୯୭୦ର ତା.୩୦.୧୦.୨୦୨୧ରିଖ ସୁଦ୍ଧା ଉକ୍ତ ଶିକ୍ଷକଙ୍କୁ ଟର୍ମିନେସନ୍ କରିବା ପାଇଁ ବଡ଼ଚଣା ବ୍ଲକ୍ ଶିକ୍ଷାଧିକାରୀ ଓ ଯାଜପୁର ଜିଲା ଶିକ୍ଷାଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ବ୍ଲକ୍ ଶିକ୍ଷାଧିକାରୀ ଜାଣିଶୁଣି ସମୟ ଗଡ଼ାଇ ଚାଲୁଛନ୍ତି । ଏହା ଦ୍ୱାରା ଅଭିଯୁକ୍ତ ଶିକ୍ଷକ ମାନ୍ୟବର ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇ ଖସି ଯିବାକୁ ସୁଯୋଗ ପାଉଛନ୍ତି ବୋଲି ସାଧାରଣରେ ଅଭିଯୁକ୍ତ ହେଉଅଛି । ଓଡ଼ିଶାର ଶିକ୍ଷା ବ୍ୟବସ୍ଥାରେ ସୁଧାର ଓ କୋମଳମତି ଛାତ୍ରଛାତ୍ରୀମାନଙ୍କର ଭବିଷ୍ୟତ ଦୃଷ୍ଟିରୁ ଉକ୍ତ ଶିକ୍ଷକ ଓ ବଡ଼ଚଣା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସାଧାରଣରେ ଦାବୀ ହେଉଛି ।

## ନଭେମ୍ବର ୧୨ ତାରିଖ ଓଡ଼ିଶା ବନ୍ଦ ଡାକରା ନେଇ ଭୁବନେଶ୍ୱର ଜିଲ୍ଲା କଂଗ୍ରେସର ପ୍ରସ୍ତୁତି ବୈଠକ

ଭୁବନେଶ୍ୱର,(ପି.ଏନ): ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକଙ୍କ ଆହ୍ୱାନ ଏବଂ ରାଜ୍ୟ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକର ନିଷ୍ପତ୍ତିକ୍ରମେ ଚଳିତ ମାସ ୧୨ ତାରିଖ ଓଡ଼ିଶା ବନ୍ଦ ଓ ୧୯ ତାରିଖ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ସମ୍ପର୍କିତ ପ୍ରସ୍ତୁତି ବୈଠକ ଆଜି ୧୦ ତାରିଖ, ବୁଧବାର ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଦିନ ୧୦.୩୦ ଘଟିକାରେ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସଭାପତି ଶ୍ରୀ ବିଶ୍ୱଜିତ୍ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଓଡ଼ିଶା ବନ୍ଦର ରୂପରେଖ ଉପରେ ଆଲୋଚନା କରାଯାଇଥିଲା । ମମିତା ପରିବାରକୁ ନ୍ୟାୟ ଦେବାପାଇଁ ଓଡ଼ିଶା ବନ୍ଦ ଡାକରାକୁ ରାଜଧାନୀରେ ସଫଳ କରିବା ପାଇଁ ଉକ୍ତ ବୈଠକରେ ଯୋଗ ଦେଇଥିବା ପ୍ରଦେଶ କଂଗ୍ରେସ ମୁଖପାତ୍ର ରଜନୀ କୁମାର ମହାନ୍ତି, ସମ୍ପାଦକ ସୁବ୍ରତ ମହାପାତ୍ର, ଜିଲ୍ଲା ମୁଖପାତ୍ର ସଞ୍ଜୀବ ମହାନ୍ତି, ବରିଷ୍ଠ କଂଗ୍ରେସ ନେତା ମନୋରଞ୍ଜନ ଦାଶ, ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୟାସିର୍ ନୱାଜ, ମୋହନ ଜେନା, ଜିଲ୍ଲା କଂଗ୍ରେସ ଉପସଭାପତି ଆଶିଷ ମଲ୍ଲିକ, ଜୟକୃଷ୍ଣ ସୁବୁଧି, ଶ୍ରୀମତୀ ଗୀତାଞ୍ଜଳି ମହାନ୍ତି, କୁସୁମ ପ୍ରଧାନ, ଚୈତାଳୀ ପଟ୍ଟନାୟକ,




ପ୍ରଭାବତୀ ପଟ୍ଟନାୟକ, ପ୍ରସନ୍ନ ପରିଡ଼ା, ସମସ୍ତ ବ୍ଲକ୍ ସଭାପତି, ଅଶୋକ ଦାଶ, ମିହିର ଆଚାର୍ଯ୍ୟ, ଦେବରାହଜ ମିଶ୍ର, ବ୍ରହ୍ମାନନ୍ଦ ସାହୁ, ଅନୱାର ଖାଁ, ଇନ୍ଦ୍ରଜିତ ପରିଡ଼ା, ସେକ୍ ଆଫ୍‌ତାବ୍ ଅଲ୍ଲୀ ପ୍ରମୁଖ ଉପସ୍ଥିତ ରହି ସୁଚିନ୍ତିତ ମତାମତ ବା ଉପାଦେୟ ପରାମର୍ଶ ଦେବାପରେ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରାଯାଇଛି । ସଭା ପରେ ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଦାଶ ଜିଲ୍ଲା କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମମିତା ମେହେର ହତ୍ୟାକାଣ୍ଡର ନିରପେକ୍ଷ ତଦନ୍ତ ତଥା ଗୃହରାଷ୍ଟ୍ରମନ୍ତ୍ରୀଙ୍କୁ ବହିଷ୍କାର ସହ ତୁରନ୍ତ ଗିରଫ ଏବଂ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଓଡ଼ିଶା ବନ୍ଦ ଡାକରାକୁ ପୂର୍ଣ୍ଣ ମାତ୍ରାରେ ସଫଳ କରିବାକୁ ଭୁବନେଶ୍ୱରର ସବୁ ସ୍ଥାନରେ ଜୋରଦାର ଆନ୍ଦୋଳନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ପ୍ରକାଶ କରିଥିଲେ । ଏହି ପରିପ୍ରେକ୍ଷୀରେ ଏହି ବନ୍ଦକୁ ସଫଳ କରିବା ପାଇଁ ଜନସାଧାରଣଙ୍କ ଅକୁଣ୍ଠ ସାହାଯ୍ୟ ସହଯୋଗ ପାଇବା ପାଇଁ ଏବଂ ମମିତା ପରିବାରକୁ ନ୍ୟାୟ ଦେବାପାଇଁ ଏହି ବନ୍ଦକୁ ସମର୍ଥନ କରିବାକୁ ଓ ବନ୍ଦରେ ସାମିଲ ହେବାପାଇଁ ଆବାଳ ବୃଦ୍ଧବନିତାଙ୍କୁ ଆହ୍ୱାନ କରିଛନ୍ତି ଶ୍ରୀଯୁକ୍ତ ଦାଶ । ମମିତା ମୃତ୍ୟୁ ମାମଲାରେ ଶିଥିଳତା ପାଇଁ ୧୨ ତାରିଖ ସକାଳ ୬ ଘଟିକାଠାରୁ ୧୨ ଘଟିକା ପର୍ଯ୍ୟନ୍ତ ୬ ଘଣ୍ଟିଆ ପ୍ରତୀକାତ୍ମକ ଓଡ଼ିଶା ବନ୍ଦ ଡାକରାର ଆବଶ୍ୟକତା କଣ ରହିଛି, ତାହାକୁ ଉଲ୍ଲେଖ କରିଥିଲେ ଜିଲ୍ଲା କଂଗ୍ରେସ ମୁଖପାତ୍ର ସଂଜୀବ ମହାନ୍ତି । ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୟାସିର୍ ନୱାଜ ମମିତାଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କହିଥିଲେ । ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଭୁବନେଶ୍ୱର ବ୍ଲକ୍ ସଭାପତି ଅଶୋକ ଦାସ ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray